ବର୍ଷ-୨୬, ସଂଖ୍ୟା-୬୫
ଭୁବନେଶ୍ୱର
୦୯, ମାର୍ଚ୍ଚ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 65
Bhubaneswar
09, March, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ବୁମରାଙ୍କ ରେକର୍ଡ




## ଫାଇନାଲରେ ହାରିଲା ନ୍ୟୁଜିଲାଣ୍ଡ

# ଭାରତକୁ ତୃତୀୟ ଟି୨୦ ବିଶ୍ୱକପ୍ ଟ୍ରଫି

ଅହମ୍ମଦାବାଦ,୮।୩(ମହାଭାରତ): ୨୦୨୩ ନଭେମ୍ବର ୧୯ରେ ୧୪୦ କୋଟି ଭାରତୀୟଙ୍କ ହୃଦୟ ଭାଙ୍ଗିଥିଲା। ଭାରତୀୟ ଟିମ ସହ କାନ୍ଦି ଥିଲା ପୂରା ଦେଶ। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ବନିଥିଲା ଦୁଃଖର ମୁକସାକ୍ଷୀ। କାରଣ ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲ ଅଷ୍ଟ୍ରେଲିଆ ଠାରୁ ହାରି ଯାଇଥିଲା ଭାରତ। ନରେନ୍ଦ୍ର ମୋଦି ଷ୍ଟାଡିୟମ ଅନେକ ଅପବାଦ ମଧ୍ୟ ମୁଣ୍ଡାଇଥିଲା।

ହେଲେ ସେହି ନରେନ୍ଦ୍ର ମୋଦି ଷ୍ଟାଡିୟରେ ଭାରତୀୟ ଟିମ ଲେଖିଛି ନୂଆ ଇତିହାସ। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସତ ହୋଇଛି ହିଷ୍ଟ୍ରୀ ରିପିଟ, ହିଷ୍ଟ୍ରୀ ଡିଫିଟ ନାରା। କ୍ରମାଗତ ଦ୍ୱିତୀୟ ଥର ପାଇଁ ସୂର୍ଯ୍ୟ କୁମାର ଯାଦବଙ୍କ ଭାରତୀୟ ଟିମ ଜିତିଛି ଟି-୨୦ ବିଶ୍ୱକପ। ରେକର୍ଡ ତୃତୀୟ ଥର ପାଇଁ ଟି-

- ଅଭିଷେକ-ସଞ୍ଜୁ-କିଶନଙ୍କ ଧୂଆଁଧାର ବ୍ୟାଟିଂ
- ଭାରତ ୨୫୫/୫, ନ୍ୟୁଜିଲାଣ୍ଡ ୧୫୯ରେ ଅଲ୍ଆଉଟ୍
- ବୁମରା ମ୍ୟାଚ୍ ଓ ସାମସନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି

୨୦ ବିଶ୍ୱକପକୁ ନିଜ ନାଁରେ କରିଛି।

୨୦୦୭ ଓ ୨୦୨୪ ଭଳି ୨୦୨୬ରେ ହିଷ୍ଟ୍ରୀକୁ ରିପିଟ କରି ଭାରତୀୟ ଟିମ। ପୂରା ବିଶ୍ୱର କୌଣସି ଟିମ ୩ଥର ବିଶ୍ୱକପ ଜିତି ନଥିବା ବେଳେ ଭାରତ ପ୍ରଥମଥର ପାଇଁ ଏପରି ସଫଳତା ନିଜ ନାଁରେ କରିଛି। ୨୦୦୭ରେ ମହେନ୍ଦ୍ର ସିଂହ ଧୋନି ଟି-୨୦ ବିଶ୍ୱକପ ଜିତିଥିବା ବେଳେ ୨୦୨୪ରେ ସଫଳତା ସାଉଁଟିଥିଲେ ରୋହିତ ଶର୍ମା। ଏବେ ଭାରତର ତୃତୀୟ ଅଧିନାୟକ ଭାବେ ସୂର୍ଯ୍ୟ କୁମାର ଇତିହାସରେ ନିଜ ନାଁକୁ ସ୍ୱର୍ଣ୍ଣାକ୍ଷରରେ ଲେଖିଛନ୍ତି।

ଆଜି ଯାଏ କୌଣସି ଟିମ ନିଜ ଦେଶ ବା ଘରୋଇ ମାଟିରେ ଟି-୨୦ ବିଶ୍ୱକପ ଜିତି ନଥିଲେ। କୌଣସି ଟିମ କ୍ରମାଗତ ଟି-୨୦ ବିଶ୍ୱକପ ଜିତି ନଥିଲେ। ଭାରତୀୟ ଟିମ କେବେ ବି ଟି-୨୦ରେ ନ୍ୟୁଜିଲ୍ୟାଣ୍ଡକୁ ହରାଇ ନଥିଲା। କିନ୍ତୁ ସେସବୁ ପୁରୁଣା କଥାକୁ ଇତିହାସର ଅନ୍ଧାରକୁ ଠେଲି ଦେଇଛି




ଟିମ ଇଣ୍ଡିଆ। ଭାରତୀୟ ଟିମ ଆଗରେ ହିଷ୍ଟ୍ରୀକୁ ଡିଫିଟ ହୋଇଛି। ଭାରତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ନୂଆ ରେକର୍ଡ କରିଛି। ନ୍ୟୁଜିଲ୍ୟାଣ୍ଡକୁ ୨୦୨୬ ଟି-୨୦ ବିଶ୍ୱକପ ଫାଇନାଲରେ ୯୬ ରନରେ ହରାଇ ଭାରତ ବନି ଯାଇଛି ବିଶ୍ୱ ବିଜେତା। ୨୦୨୪ରେ ରୋହିତ ଶର୍ମା ବାର୍ବଡସରେ ଟି-୨୦ ବିଶ୍ୱକପ ଜିତି ସ୍ୱଦେଶ ଆଣିଥିଲେ। ଏବେ ସୂର୍ଯ୍ୟ କୁମାର ଯାଦବ ଭାରତରେ ଏହାକୁ ଜିତି ବିଦେଶକୁ ଟ୍ରଫି ଯିବାକୁ ଦେଇ ନାହାନ୍ତି। ଏଥିସହ ପବିତ୍ର ରମଜାନ ମାସରେ ପୂରା ଦେଶବାସୀଙ୍କୁ ଟି-୨୦ ବିଶ୍ୱକପ ଜିତି ଆଗୁଆ ଇଦି ମଧ୍ୟ ଦେଇଛି ଟିମ ଇଣ୍ଡିଆ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇଥିବା ଭାରତୀୟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୫୫ ରନ୍ ସଂଗ୍ରହ କରିଥିଲେ। ଫଳରେ ନ୍ୟୁଜିଲାଣ୍ଡ ଚାପଗ୍ରସ୍ତ ହୋଇ ପଡିଆକୁ ଓହ୍ଲାଇଥିଲା। ଦଳ ୫୦ ରନ୍ ପୂର୍ବରୁ ଆଗଧାଡିର ୩ଜଣ ଖେଳାଳିଙ୍କୁ ହରାଇଥିଲା। ଏହି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେବା ସହିତ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଭାରତର ଇନିଂସ ଆରମ୍ଭ କରିଥିଲେ ସଂଜୁ ସାମସନ ଏବଂ ଅଭିଷେକ ଶର୍ମା। ଉଭୟ ବ୍ୟାଟର ପ୍ରଥମ ୱିକେଟ ପାଇଁ ୯୮ ରନ୍‌ର ଭାଗିଦାରୀ କରିପାରି ଥିଲେ। ଅଭିଷେକ ଶର୍ମା ଆଉଟ୍ ହୋଇ ପାଭିଲିନ ଫେରି ଆସିବା ପୂର୍ବରୁ ୫୨ ରନ୍ ସଂଗ୍ରହ କରିଥିଲେ। ସେ ୨୧ଟି ବଲ୍ ଖେଳି ୬ଟି ଚେକା ଏବଂ ୩ଟି ଛକା ମାରିଥିଲେ। ଭାରତ ପାଇଁ ଅନ୍ୟତମ ପ୍ରାରମ୍ଭିକ ବ୍ୟାଟର ସଂଜୁ ସାମସନ ବ୍ୟକ୍ତିଗତ ଭାବେ ୮୯ ରନ୍ ସଂଗ୍ରହ କରିଥିଲେ। ସେ ୪୫ଟି ବଲ୍ ଖେଳି ୫ଟି ଚେକା ଏବଂ ୮ଟି ଛକା ମାରିଥିଲେ। କେବଳ ଏତିକି ନୁହେଁ ସାମସନ ଦ୍ୱିତୀୟ ୱିକେଟ୍ ପାଇଁ ଇଶାନ କିଶନଙ୍କ ସହିତ ୧୦୫ ରନ୍‌ର ଭାଗିଦାରୀ କରିପାରି ଥିଲେ। ଈଶାନ କିଶନ ମଧ୍ୟ ୨୪ଟି ବଲ୍ ଖେଳି ୫୪ ରନ୍ ସଂଗ୍ରହ କରିଥିଲେ। ସେ ୨୫ଟି ବଲ୍ ଖେଳି ୪ଟି ଚେକା ଓ ୪ଟି ଛକା ମାରିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟରୁ ୧୮ ରନ୍ ସଂଗ୍ରହ ହୋଇଥିଲା। ସେ ୧୩ଟି ବଲ୍ ଖେଳି ଗୋଟିଏ ଛକା ଓ ଗୋଟିଏ ଚେକା ମାରିଥିଲେ।

୨୫୬ ରନର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡ ଦଳ ଆରମ୍ଭରୁ ଚାପରେ ରହିଥିଲା । ଭାରତୀୟ ବୋଲରଙ୍କ ଶାଣିତ ବୋଲିଂ ଆଗରେ କିୱି ବ୍ୟାଟରମାନେ ଜଣକ ପରେ ଜଣେ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଯଶପ୍ରୀତ ବୁମରା ଏବଂ ଅକ୍ଷର ପଟେଲ ନିଜର ଯାଦୁକରୀ ସ୍ପେଲ୍‌ରେ ନ୍ୟୁଜିଲାଣ୍ଡର ଅଣ୍ଟା ଭାଙ୍ଗି ଦେଇଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ କେବଳ ଟିମ୍ ସେଇଫର୍ଟ (୫୨) କିଛି ସମୟ ପାଇଁ ସଂଘର୍ଷ କରିଥିଲେ, କିନ୍ତୁ ତାହା ବିଜୟ ପାଇଁ ଯଥେଷ୍ଟ ନଥିଲା । ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୪ ଏବଂ ଅକ୍ଷର ପଟେଲ ୩ଟି ଲେଖାଏଁ ଉଇକେଟ ନେଇ ନ୍ୟୁଜିଲାଣ୍ଡକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ । ବୁମରାଙ୍କ ଘାତକ ୟର୍କର କିୱି ବ୍ୟାଟରଙ୍କ ପାଖରେ କୌଣସି ଜବାବ ନଥିଲା । ଶେଷରେ ଭାରତୀୟ ଦଳ ଏହି ମ୍ୟାଚ୍‌କୁ ବଡ଼ ବ୍ୟବଧାନରେ ଜିତି ନେଇଥିଲା । ମ୍ୟାଚ୍ ଜିତିବା ମାତ୍ରେ ପୁରା ଷ୍ଟାଡିୟମ 'ଇଣ୍ଡିଆ-ଇଣ୍ଡିଆ' ସ୍ଲୋଗାନରେ କମ୍ପି ଉଠିଥିଲା । ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ପୁଣିଥରେ ପ୍ରମାଣ କରିଛି ଯେ ସେମାନେ କାହିଁକି ବିଶ୍ୱର ଶ୍ରେଷ୍ଠ ଦଳ। ଏହି ବିଜୟ ସହ କୋଟି କୋଟି ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ।

## ଆଜି ପୁଣି ସରଗରମ ହେବ ବିଧାନସଭା

ଭୁବନେଶ୍ୱର,୮।୩(ମହାଭାରତ): ସୋମବାରଠାରୁ ଆରମ୍ଭ ହେଉଛି ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ। ପ୍ରଥମ ପର୍ଯ୍ୟାୟ ପରି ୨ୟ ପର୍ଯ୍ୟାୟରେ ମଧ୍ୟ ଗୃହ ହୁଲୁସ୍ଥୁଲ ହୋଇପାରେ। ମଣ୍ଡି ଅବ୍ୟବସ୍ଥା, ଚାଷୀ ଆତ୍ମହତ୍ୟା, ମହାନଦୀ ଜଳ ବିବାଦ, ଆଇନ ଶୃଙ୍ଖଳା ଓ ପୂର୍ବ ବଜେଟ ଅର୍ଥ ଖର୍ଚ୍ଚ ନ ହେବାକୁ ପ୍ରସଙ୍ଗକୁ ଅସ୍ତ୍ର କରି ସରକାରଙ୍କୁ ଘେରିବେ ବିରୋଧୀ।



ସେହିଭଳି ଆସନ୍ତାକାଲି ଅର୍ଥ, ସ୍ୱରାଷ୍ଟ୍ର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରହିଛି। ଶୂନ୍ୟକାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଉଭୟ ଶାସକ ଓ ବିରୋଧୀ ଦଳ ଉଠାଇବେ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଏପ୍ରିଲ ୮ ତାରିଖ ଯାଏଁ ଲମ୍ବା ସମୟ ଅଧିବେଶନ ରହିଛି।

୧୦ତାରିଖରୁ ବିଭିନ୍ନ ବିଭାଗର ବଜେଟ ଆଲୋଚନା ଆରମ୍ଭ ହେବ। ମାର୍ଚ୍ଚ ୩୧ ତାରିଖରେ ବ୍ୟୟ ମଞ୍ଜୁର ବିଲ୍ ଗୃହରେ ପାରିତ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଗୃହରେ ବିରୋଧୀ ଓ ଶାସକ ଦଳର ଆଭିମୁଖ୍ୟ କଣ ରହିବ ତାହା ଉପରେ ନଜର କ୍ଷ ଅଧିବେଶନ ସମୟରେ ରାଜ୍ୟସଭା ନିର୍ବାଚନ ରହୁଥିବାରୁ ଗୃହରେ ରାଜନୈତିକ ଉଷ୍ମତା ଜାରି ରହିବ।

# ସୁଭଦ୍ରା ଯୋଜନା ଚତୁର୍ଥ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୩(ମହାଭାରତ): ମାତ୍ର ଦେଢ଼ ବର୍ଷ ଭିତରେ ଆମ ମା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୁତ ପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି । ଆଗାମୀ ଦିନରେ ଅଧିକରୁ ଅଧିକ ମା ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

**୧.୧୨ କୋଟିରୁ ଅଧିକ ହିତାଧିକାରୀଙ୍କୁ ମିଳିଲା ୫ହଜାର**

ଅବସରରେ କହିଛନ୍ତି ।

ଏହି ଅବସରରେ ପୁରୀ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଜି ଚତୁର୍ଥ ପର୍ଯ୍ୟାୟରେ ୧,୧୨,୧୨,୬୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ସମୁଦାୟ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏଥିରେ ପୁରୀ ଜିଲ୍ଲାର ୪,୨୦,୮୫୪ ଜଣ ହିତାଧିକାରୀ ଅଛନ୍ତି ।

ଉପସ୍ଥିତ ସୁଭଦ୍ରା ଭଉଣୀ ମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ କରିବାରେ ଆମର ସୁଭଦ୍ରା ଯୋଜନା ସଫଳ ହୋଇଛି ଓ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସ୍ୱତନ୍ତ ପରିଚୟ ଦେଇଛି। ସୁଭଦ୍ରା ଯୋଜନା ଆଜି ରାଜ୍ୟର ମହିଳା




ମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି।

ସୁଭଦ୍ରା ଯୋଜନା ଜରିଆରେ ସଫଳତା ପାଇଥିବା ହିତାଧିକାରୀଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା ଏବଂ ସୁଭଦ୍ରା ଯୋଜନା ଏହାର ଏକ ସଫଳ ଉଦାହରଣ । ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି।ସେ ପୁଣି କହିଥିଲେ ଯେ ଆଇଆଇଏମ ସମ୍ବଲପୁରର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨ ପ୍ରତିଶତ ହିତାଧିକାରୀ ସୁଭଦ୍ରା ସହାୟତାକୁ ବ୍ୟବସାୟ ଆରମ୍ଭ ପାଇଁ ବ୍ୟବହାର କରିଥିବା ବେଳେ ୩୫.୭ ପ୍ରତିଶତ ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି। ଏହା ସହିତ ଅନେକ ମହିଳା ଋଣ ପରିଶୋଧ, ସଂଚୟ ଓ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ହାସଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିବ । ସମୃଦ୍ଧ ଓଡିଶା ଓ ବିକଶିତ ଗଠନ ହେବ ମହିଳାମାନଙ୍କ ନେତୃତ୍ୱରେ । ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିଆର ଦିଦି' ସୃଷ୍ଟି କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସେ ପୁଣି କହିଥିଲେ ଯେ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ଆମ ସରକାର ଆରମ୍ଭ କରିଛନ୍ତି । 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଓ 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ ଯେ ମହିଳା ସଶକ୍ତିକରଣ ଆମ ସରକାର ପାଇଁ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ପ୍ରତିବଦ୍ଧତା। ମହିଳାମାନଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ସଶକ୍ତ, ସମୃଦ୍ଧ ଓଡିଶା ଗଠିତ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ ଗତକାଲି ମାନ୍ୟବର ରାଷ୍ଟ୍ରପତିଙ୍କୁ ପଶ୍ଚିମବଙ୍ଗ ଠାରେ କରାଯାଇଥିବା ଅସମ୍ମାନକୁ ଦୃଢ ନିନ୍ଦା କରିବା ସହିତ ଏଭଳି ଅନାଦର କେବଳ ରାଷ୍ଟ୍ରପତିଙ୍କୁ ନୁହେଁ, ସାରା ଦେଶ ପାଇଁ ଓ ସାରା ନାରୀ ସମାଜ ପ୍ରତି ଅସମ୍ମାନ ବୋଲି କହିଛନ୍ତି ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଭାରତ ବର୍ଷ ଆଜି ମହିଳାଙ୍କ ପାଇଁ ଯାହା ଭାବୁଛି ମା ସୁଭଦ୍ରାଙ୍କ ଆଶୀର୍ବାଦରୁ ଓଡ଼ିଶାରେ ମହିଳାମାନେ ତା ଠାରୁ ବହୁତ ଆଗରେ ଅଛନ୍ତି । ଓଡ଼ିଶାରେ ମହିଳା ସଶକ୍ତିକରଣକୁ ପ୍ରମାଣିତ କରିଛି ସୁଭଦ୍ରା ଯୋଜନା । ସୁଭଦ୍ରା ଯୋଜନା ଆଜି ଓଡ଼ିଶାର ମହିଳା ଶକ୍ତିଙ୍କୁ ଭାରତ ବର୍ଷରେ ଏକ ଉଦୀୟମାନ ଶକ୍ତି ରୂପେ ଗଢି ତୋଳିଛି ।

ଏହି ଅବସରରେ ବ୍ରହ୍ମଗିରି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ , ସତ୍ୟବାଦୀ ବିଧାୟକଓମ୍‌ପ୍ରକାଶ ମିଶ୍ର ,ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ଶ୍ରୀମତୀ ମନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ଜିଲ୍ଲାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ବରଗଡରେ ଦୁର୍ଘଟଣା, ୪ ମୃତ

ବରଗଡ/ଭେଡେନ/ଗୋଡଭଗା,୮।୩(ମହାଭାରତ): ବରଗଡ ଜିଲ୍ଲାଭେଡେନ ବ୍ଲକ ଅନ୍ତର୍ଗତ ମେହେନା ଛକରେ ଏକ ଅଜଣା ଗାଡି ଦୁଇଟି ବାଇକକୁ ଧକ୍କା ଦେବାରୁ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ୧୦ ବର୍ଷର ଶିଶୁ ସମେତ ଜଣେ ମହିଳା ଓ ଦୁଇ ଜଣ ପୁରୁଷଙ୍କ ମୃତ୍ୟୁ ହୋଇଥିବା ଫାଣ୍ଡି ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।୨ ଜଣ ପୁରୁଷ ଗୁରୁତର ଆହତ ଥିବାରୁ ସେମାନଙ୍କୁ ବୁର୍ଲା ବଡଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଛି। ମୃତକମାନେ ସମସ୍ତେ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଘାଟିଜାମପାଲିର ଗାଁର ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ଗୋଡଭଙ୍ଗା ପଟରୁ ଆଜି ଦୁଇଟି ବାଇକରେ ସେମାନେ ସୋନପୁର ଜିଲ୍ଲା ରାମପୁରକୁ ଯାଉଥିଲେ। ଯିବା ସମୟରେ ରୁକ୍ଷୁଡା ନିକଟ ମେହେନା ଛକରେ ବିପରୀତ ଦିଗରୁ ଆସୁଥିବା ଏକ ଚାରିଚକିଆ ଯାନ ଧକ୍କା ଦେଇଥିଲା। ଦୁର୍ଘଟଣା ସ୍ଥଳରୁ ଏକ ନମ୍ବର ପ୍ଲେଟ( ଓଡି୧୭ଏବି୪୦୧୦) ମଧ୍ୟ ମିଳିଛି। ପୁଲିସ ଓ ସ୍ଥାନୀୟ ଲୋକମାନେ ଗୁରୁତରଙ୍କୁ ବୁର୍ଲା ଚିକିତ୍ସା ପାଇଁ ତୁରନ୍ତ ପଠାଇଥିଲେ । ରାତି ପ୍ରାୟ ୯ଟା୩୦ରୁ୧୦ଟା ଭିତରେ ଏହିଦୁର୍ଘଟଣାଟିଘଟିଛି।

## ଇରାନରୁ ଫେରିଲେଣି ୫୨ ହଜାର ଭାରତୀୟ

ନୂଆଦିଲ୍ଲୀ,୮।୩(ମହାଭାରତ): ପଶ୍ଚିମ ଏସିଆ ଏବଂ ନିକଟ ଅଂଚଳରେ ବଢୁଥିବା ବିବାଦ ମଧ୍ୟରେ ଭାରତ ସରକାର ସେଠାରେ ଥିବା ଭାରତୀୟ ନାଗରିକମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ବିଦେଶ ମନ୍ତ୍ରାଳୟ କହିଛି ଯେ ଅଂଚଳରେ ପରିବର୍ତ୍ତିତ ହେଉଥିବା ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି ଏବଂ ଭାରତୀୟ ନାଗରିକଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ରହିଛି।

ବିଦେଶ ମନ୍ତ୍ରାଳୟ ଅନୁସାରେ, ଗତ କିଛି ଦିନ ଧରି ଅଂଚଳର ଆକାଶ ପଥ ଆଂଶିକ ଭାବେ ଖୋଲାଯିବା ପରେ ଅନେକ ବାଣିଜ୍ୟିକ ଏବଂ ବିଶେଷ ବିମାନ ସେବା ଚାଲୁ କରାଯାଇଛି। ଏହି ବିମାନଗୁଡ଼ିକ ମାଧ୍ୟମରେ ୦୧ ମାର୍ଚ୍ଚରୁ ୦୭ ମାର୍ଚ୍ଚ ପର୍ଯ୍ୟନ୍ତ ୫୨,୦୦୦ରୁ ଅଧିକ ଭାରତୀୟ ନାଗରିକ ନିକଟସ୍ଥ ଦେଶଗୁଡ଼ିକରୁ ସୁରକ୍ଷିତ ଭାବେ ଭାରତକୁ ଫେରିଆସିଛନ୍ତି। ଏଥିରୁ ୩୨,୦୦୦ରୁ ଅଧିକ ଯାତ୍ରୀ ଭାରତୀୟ ବିମାନ ସେବାର ଉଡାଣ ବ୍ୟବହାର କରିଛନ୍ତି। ଆସନ୍ତା କିଛି ଦିନରେ ଆହୁରି ଉଡାଣ ଚାଲୁ କରିବାର ଯୋଜନା ରହିଛି।ସରକାର ଅଂଚଳରେ ଥିବା ଭାରତୀୟମାନଙ୍କୁ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ଏବଂ ଭାରତୀୟ ଦୂତାବାସ ଦ୍ୱାରା ଜାରି କରାଯାଇଥିବା ପରାମର୍ଶକୁ ଅନୁସରଣ କରିବାକୁ କହିଛି।ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସ ଏବଂ ବାଣିଜ୍ୟ ଦୂତାବାସମାନେ ୨୪ ଘଂଟା ଚାଲୁଥିବା ହେଲ୍ପଲାଇନ ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ଆବଶ୍ୟକତାରେ ଥିବା ଲୋକମାନଙ୍କୁ ସହାୟତା ମିଳୁଛି। ବିଦେଶ ମନ୍ତ୍ରାଳୟ ନୂଆଦିଲ୍ଲୀରେ ଏକ ବିଶେଷ ନିୟନ୍ତ୍ରଣ କକ୍ଷ (କଂଟ୍ରୋଲ ରୁମ୍) ମଧ୍ୟ ସ୍ଥାପନ କରିଛି, ଯାହା ପ୍ରଭାବିତ ଲୋକମାନେ ଓ ତାଙ୍କ ପରିବାରଙ୍କ ପକ୍ଷରୁ ଆସୁଥିବା ପ୍ରଶ୍ନ ଓ ସହାୟତା ଅନୁରୋଧକୁ ନିରୀକ୍ଷଣ କରୁଛି।ସରକାର କହିଛି ଯେ ଯେଉଁଠାରେ ବାଣିଜ୍ୟିକ ଉଡାଣ ଉପଲବ୍ଧ ନାହିଁ, ସେଠାରେ ଭାରତୀୟ ନାଗରିକମାନେ ନିଜ ନିକଟସ୍ଥ ଭାରତୀୟ ଦୂତାବାସ କିମ୍ବା ବାଣିଜ୍ୟ ଦୂତାବାସ ସହ ସମ୍ପର୍କ କରି ସୂଚନା ନେବାକୁ ପରାମର୍ଶ ଦିଆଯାଇଛି।

## ସମ୍ବଲପୁରରେ ସିଜିଏଚଏସ୍ ହେଲଥ୍ ୱେଲନେସ୍ ସେଣ୍ଟର

ନୂଆଦିଲ୍ଲୀ/ସମ୍ବଲପୁର,୮।୩(ମହାଭାରତ): ସମ୍ବଲପୁରରେ ଏକ ନୂତନ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା (ଉଏଐଝ) ୱେଲନେସ୍ ସେ ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସବୁପ୍ରକାର ଅନୁମୋଦନ ପ୍ରଦାନ କରି ସାରିଛନ୍ତି । ଏହା ଖୁବ ଶୀଘ୍ର ସମ୍ବଲପୁରରେ ସ୍ଥାପନା ହେବାକୁ ଯାଉଛି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ ପରେ ତାଙ୍କୁ ଚିଠି ଲେଖି ଏ ସମ୍ପର୍କରେ ସୂଚିତ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା ।



ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ ଶ୍ରୀ ପ୍ରଧାନ ଗତ ୮ ସେପ୍ଟେମ୍ବର ୨୦୨୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ପତ୍ର ଲେଖି ସମ୍ବଲପୁରରେ ଏକ ସିଜିଏଚଏସ ହେଲଥ୍ ସେ ରର ଆ।ବଶ୍ୟକତା ବିଷୟରେ ଜଣାଇଥିଲେ। ସେ ପତ୍ରରେ ଉଲ୍ଲେଖ କରିଥିଲେ, ସମ୍ବଲପୁରରେ ବିଏସଏନଏଲ, ଡାକ ବିଭାଗ, ଆ।ୟକର ବିଭାଗ, ପୂର୍ବତଟ ରେଲବାଇ, କେନ୍ଦ୍ରୀୟ ଅବକାରୀ ବିଭାଗ, ସିଆ।ରପିଏଫ ଗ୍ରୁପ୍ ସେ ର, ଆ।ଇଆ।ଇଏମ୍ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥା ରହିଛି । ଏଠାରେ ବହୁ ସଂଖ୍ୟାରେ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ ପେନସନଭୋଗୀ ବସବାସ କରୁଛନ୍ତି। ଏହି ସୁବିଧା ନଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରାୟ ୩୦୦ କିଲୋମିଟର ଦୂର ଭୁବନେଶ୍ୱର, କଟକ କିମ୍ବା ବ୍ରହ୍ମପୁର ଯିବାକୁ ପଡୁଛି ଯ ଏହା ଦ୍ୱାରା ବିଶେଷ କରି ପ୍ରାପ୍ତ ବୟସ୍କ ପେନସନଭୋଗୀମାନେ ହଇରାଣ ହେଉଛନ୍ତି ।ଏହାର ପ୍ରତ୍ୟୁ ରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା, ଶ୍ରୀ ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ସମ୍ବଲପୁରରେ ସିଜିଏଚଏସ ସେ ର ପାଇଁ ସବୁପ୍ରକାର ଅନୁମୋଦନ ମିଳିସାରିଛି। ଏହି ସେ ର ପାଇଁ ଆ।ବଶ୍ୟକୀୟ ପଦବୀ ପୂରଣ ଓ ଆ।ନୁଷଙ୍ଗିକ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ ଦେଇସାରିଛି। ଉକ୍ତ ପଦବୀଗୁଡ଼ିକ ମଧ୍ୟରେ ମେଡିକାଲ ଅଫିସର, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଏବଂ ଜୁନିୟର ହେଲଥ ଆ।ଡମିନିଷ୍ଟ୍ରେଟିଭ ଆ।ସିଷ୍ଟା ପୋଷ୍ଟ ରହିଛି । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ଜୀବନଧାରଣକୁ ସହଜ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ କହିଛନ୍ତି ।

## ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

କଟକ, ୮।୩(ମହାଭାରତ): ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ କେନ୍ଦ୍ରାପଡ଼ା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତଦନ୍ତ ସମୟରେ ପ୍ରମୋଦ ରାୟଙ୍କ ପାଖରୁ କୋଟି କୋଟି ଟଙ୍କାର ସମ୍ପତ୍ତି ମିଳିଥିବା ବେଳେ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

ଏହି ଚଢାଉ ସମୟରେ ତାଙ୍କର ଭୁବନେଶ୍ୱରରେ ପ୍ରାୟ ୮୦୦୦ ବର୍ଗଫୁଟର ଏକ ଚାରି ମହଲା ଘର ଏବଂ ଚୌଦ୍ୱାରରେ ୫୨୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା ଠାବ କରାଯାଇଛି। ଏହା ସହିତ ଭୁବନେଶ୍ୱର ଓ ଚୌଦ୍ୱାରରେ ଦୁଇଟି ଦାମୀ ଫ୍ଲାଟ୍, ନଗଦ ୪.୪୮ ଲକ୍ଷ ଟଙ୍କା ଏବଂ ପ୍ରାୟ ୩୯.୨୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ମଧ୍ୟ ଜବତ ହୋଇଛି। ଏହି ସମସ୍ତ ସମ୍ପତ୍ତି ତାଙ୍କର ଆୟଠାରୁ ଯଥେଷ୍ଟ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ପ୍ରମୋଦ ରାୟ ୧୯୮୮ ମସିହାରେ ମାତ୍ର ୧୫୦୦ ଟଙ୍କା ଦରମାରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ଚାକିରି ଆରମ୍ଭ କରିଥିବା ବେଳେ କିଭଳି ଭାବେ ସେ ଏତେ ପରିମାଣର ସମ୍ପତ୍ତି ଠୁଳ କଲେ, ସେ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ଗିରଫ ଯନ୍ତ୍ରୀ ନିଜ ଆୟ ଠାରୁ ୧୨୯ ପ୍ରତିଶତ ସମ୍ପତ୍ତି ଆୟବହିର୍ଭୁତ ଭାବେ ଠୁଳ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଭିଜିଲାନ୍ସ ଏସ ପି।

## ଛୋଲେ ଟିକ୍କି ଚାଟ୍

ଆବଶ୍ୟକ ସାମଗ୍ରୀ: ଛୋଲ ୧କପ, ଗାଜର୧, ପିଆଜ୧, ଟମୋଟୋ୧, କଞ୍ଚାଲଙ୍କା୨, ତେଲ ୨ ବଡ ଚାମଚ, ଦହି୧କପ, ମିଠା ସୁଣ୍ଠି ୨ବଡ ଚାମଚା, ଧନିଆ ଚଟଣୀ ୨ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ : ଛୋଲେକୁ ୩ରୁ୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ । ଏହାପରେ ଅଳ୍ପ ପାଣି ନେଇ ଗାଇଡିଂ କରିଦିଅନ୍ତୁ । ଗାଜର, ପିଆଜ, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଲେ ପେଷ୍ଟରେ ମିଶାନ୍ତୁ । ଲୁଣ ପକାଇ ଭଲ ଭାବେ ମକ୍ସଚର କରି ଏହାକୁ ତାୱାରେ ଛୋଟ ଛୋଟ ଟିକ୍କା ଭଜିନ୍ନାନ୍ତୁ । ଏହା ଭଲ ଭାବେ ଭାଜି ହୋଇଗଲେ ପରେ କାଢି ଦିଅନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଛୋଲେ ଟିକ୍କା । ଆପଣ ଏହାକୁ ଦହି କିମ୍ବା ଚଟଣୀ ସହିତ ପରଷନ୍ତୁ ।



### ଖବର

## ବିବାଦରେ ବାଦଶାହ୍, ଗୀତର ଅଶ୍ଲୀଳତା ପାଇଁ ମାଗିଲେ କ୍ଷମା ପ୍ରାର୍ଥନା



ବଲିଉଡ ସିଙ୍ଗର ରାପର ବାଦଶାହ ବର୍ତ୍ତମାନ ତାଙ୍କର ନୂଆ ଗୀତ''ଟେଟିରି'' ପାଇଁ ବିବାଦରେ ରହିଛନ୍ତି । ଗୀତରେ ବ୍ୟବହାର କରାଯାଇଥିବା ଲିରିକ୍ସ ଏବଂ ସିନ୍ସକୁ ହରିୟାଣାର ମହିଳା ଆୟୋଗ ଆପତ୍ତି କରିଛନ୍ତି । ହରିୟାଣାର କେତେକ ସ୍ଥାନରେ ରାପରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଏହା ପରେ ତାଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ମଧ୍ୟ ଜାରି କରାଯାଇଛି । ବିବାଦ ପାଇଁ ବାଦଶାହା ଏବେ କ୍ଷମା ପ୍ରାର୍ଥନା କରିଛନ୍ତି ।ବାଦଶାହ ତାଙ୍କର ଇନଷ୍ଟାଗ୍ରାମ ପେଜରେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ତାଙ୍କ ଗୀତ''ଟେଟିରି''କୁ ଅଶ୍ଳୀଳ କହିବା ସହିତ ଲୋକମାନଙ୍କର ହୋଇଥିବା ଅସୁବିଧା ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି । ଏଥିସହିତ ସେ କହିଛନ୍ତି ଯେ,ମୋର ନୂତନ ଗୀତ ମୁକ୍ତିଲାଭ କରିଛି ଏବଂ ମୁଁ ଦେଖୁଛି ଯେ ଏହାର ଏକ ଅଂଶରେ ଦିଆଯାଇଥିବା ବାର୍ତ୍ତା, ମୋର ଗୀତର ଗୀତ ଏବଂ ଦୃଶ୍ୟ ଉପସ୍ଥାପନା ଯୋଗୁଁ, ଅନେକ ଲୋକଙ୍କ, ବିଶେଷକରି ମୋ ରାଜ୍ୟ ହରିୟାଣାର ଲୋକଙ୍କ ଭାବନାକୁ ଆଘାତ ଦେଇଛି ।ସେ ଆହୁରି ମଧ୍ୟ କହିଛନ୍ତି ଯେ, ''ମୁଁ ନିଜେ ହରିୟାଣାରୁ ଆସିଛି । ତେଣୁ ମୁଁ ଗର୍ବିତ । ହରିୟାଣାର କୌଣସି ପିଲା କିମ୍ବା ମହିଳାଙ୍କ ବିଷୟରେ ଏପରି ଅଶାଳୀନ କଥା କହିବାର ମୋର କେବେ ଉଦ୍ଦେଶ୍ୟ ନଥିଲା। ମୁଁ ହିପ୍-ହପ୍ ଜୋନର । ଯେଉଁଠାରେ ଗୀତର ଲିରିକ୍ସଗୁଡ଼ିକ ପ୍ରାୟତଃ ପ୍ରତିଯୋଗିତାକୁ ଅପମାନିତ କରେ କିମ୍ବା ଜଣଙ୍କ ପ୍ରତିଦ୍ୱ-ୀ ବିରୋଧରେ ବୋଲାଯାଇଥାଏ । ସେହି ଶବ୍ଦଗୁଡ଼ିକ କେବେ କୌଣସି ମହିଳା କିମ୍ବା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ମୁଁ କେବେ ଏପରି କାମ କରିବି ନାହିଁ ।

## ତ୍ୱଚା ସୁନ୍ଦର କରାଇବାର ଉପାୟ



ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ୍ୟ ଦେଇ ପାରି ନଥାଆନ୍ତି । ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା ।

ନଡ଼ିଆ ତେଲ -

ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ। ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

ଗ୍ରୀନ ଟି ପ୍ୟାକ୍ -

ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

## ଜୀବନ-ମନ୍ତ୍ର: ମା' ଶାରଳା

ଅନ୍ୟାନ୍ୟ ଦେବୀପୀଠ ପରି ଝଙ୍କଡ଼ର ମା' ଶାରଳାଙ୍କ ପୀଠରେ ମଧ୍ୟ ଶାରଦୀୟ ଦୁର୍ଗାପୂଜା ବିଧିମତେ ଅନୁଷ୍ଠିତ ହୁଏ ।ଏହା 'ଶାରଦୀୟ ମହାପୂଜା' ଭାବରେ କଥିତ ହୋଇଥାଏ। ଏ ସଂପର୍କରେ ଉଲ୍ଲେଖ ଅଛି, ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ପରିଯନ୍ତେ / ଉଛବ ବିଧାନ କରିବ ଅର୍ଚ୍ଚନା କରି ନିତ୍ୟେୟ କିଂବଦନ୍ତି ଅଛି, ଯେ ପ□ଦଶ ଶତାବ୍ଦୀର ଓଡ଼ିଆ ଆଦିକବି ସାରଳା ଦାସ, କନ୍ୟାମାସ ଶୁକ୍ଳପକ୍ଷ ଦଶମୀ ଅର୍ଥା୍ ଦଶହରା ରାତିରେ ଏହି ଦେବୀଙ୍କର କୃପାଲାଭ କରିଥିଲେ। 'ଶ୍ରୀଚଣ୍ଡୀପୁରାଣ'ର ଏକ ଉଲ୍ଲେଖ ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱପୂର୍ଣ୍ଣ। ସେଥିରେ ଉଲ୍ଲେଖ ଅଛି, ଅହୋ କନ୍ୟାମାସ ଶୁକ୍ଳ ପକ୍ଷ ଦଶମୀ ଅପରାଜିତେ / ରାତ୍ରେଣ ସ୍ୱୀ ଏକ ଭେଟିଲା ଆସି ମୋତେ। / ତୁଳସୀ ମାଳା ଗୋଟିଏ ମୋହର ହୃଦେ ଦେଇ / ଯେ ଶାସ୍ତ୍ରକଥା ମୋତେଣ ବସି କହି। ଏହି ଶାରଳା ଦେବୀ 'ସାରୋଳ ଚଣ୍ଡୀ' ଓ 'ସାରଦା (ଶାରଦା) ଠାକୁରାଣୀ' ନାମରେ ମଧ୍ୟ କଥିତ ହୁଅନ୍ତି। ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ ବାକ୍‌ଦବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି। ତାଙ୍କ କୃପାରେ ସାରଳା (ବା ସାରୋଳ) ଦାସ କବି ହେବା ତାଙ୍କର ଶାରଦାତ୍ୱ ପ୍ରତିପାଦିତ କରିଥାଏ ।ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ ବାକେ୍‌ଦବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି ।ଏହି ଦେବୀଙ୍କର ବିଗ୍ରହ ଏକ ନାତିଦୀର୍ଘ ଅଷ୍ଟଭୁଜା ସିଂହବାହିନୀ ମହିଷମର୍ଦ୍ଦିନୀ ବିଗ୍ରହ। ଏକ ଆୟତାକାର ମସୃଣ ଶିଳା ଉପରେ ଏହା ଖୋଦିତ। ଏଠାରେ ମହିଷାସୁରର ମସ୍ତକ ଦୈତ୍ୟର ଏବଂ ଶରୀର ଦାନବର। ଦେବୀଙ୍କର ଦକ୍ଷିଣପାଦ ସିଂହ ଉପରେ ରହିଛି। ସେ ଦୈତ୍ୟର ମସ୍ତକକୁ ଗୋଟିଏ ହସ୍ତରେ ଝପି ଧରି ଅନ୍ୟ ହସ୍ତର ତ୍ରିଶୂଳରେ ଦୈତ୍ୟର ବକ୍ଷଭେଦ କରୁଛନ୍ତି । ତାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ ଓ ଶ୍ରୀମୁଖ ସୌମ୍ୟ। ଦେବୀ ନିମ୍ନ ଦୁଇହସ୍ତରେ ବୀଣା ଓ ପୁସ୍ତକ ଧାରଣ କରିଛନ୍ତି। ଏଣୁ ପାରମ୍ପରିକ ଭାବରେ ଶାରଳା ଉତ୍କଳର ବାଗ୍ଦେବୀ ଭାବରେ ସ୍ୱୀକୃତ ହୋଇ ଆସିଛନ୍ତି। କବିବର ରାଧାନାଥ ରାୟ ତାଙ୍କ 'ମହାଯାତ୍ରା' କାବ୍ୟର ଆରମ୍ଭରେ ମଧ୍ୟ ତାଙ୍କୁ 'ପଙ୍କଜବାସିନୀ ଦେବୀ ଉତ୍କଳ ଭାରତୀ' ବୋଲି କହିଛନ୍ତି।



## ପିଅନ୍ତୁ ତୁଳସୀ ପାଣି : ମିଳେ ଆଶ୍ଚର୍ଯ୍ୟଜନକ ଲାଭ





ଦିନସାରା କାମବ୍ୟସ୍ତତା ମଧ୍ୟରେ ଶରୀରକୁ ଶକ୍ତିର ଆବଶ୍ୟକତା ରହିଛି। ଏହି କାରଣରୁ ବିଶେଷଜ୍ଞ ସକାଳେ ଖାଲି ପେଟରେ ଏପରି କିଛି ଖାଦ୍ୟପାନୀୟ ସେବନ କରିବା ପାଇଁ ପରାମର୍ଶ ଦେଇଥାଆନ୍ତି , ଯାହା ଶରୀରକୁ ଶକ୍ତି ସହ ପୋଷଣ ପ୍ରଦାନ କରିଥାଏ। ସକାଳେ ଉଠିବା ପରେ ଚା' କିମ୍ବା କଫି ପିଇବା ଅଭ୍ୟାସ ବଦଳାଇ ଦିଅନ୍ତୁ। ବାସ୍ତବରେ ଏପରି କିଛି ସ୍ୱାସ୍ଥ୍ୟକର ପାନୀୟ ରହିଛି, ଯାହାକୁ ଚା' କିମ୍ବା କଫି ବଦଳରେ ପିଇପାରିବେ ।ସକାଳେ ଉଠିବା ପରେ ସର୍ବ ପ୍ରଥମେ ଉଷୁମ ପାଣି ପିଇବା ଉଚିତ। କିଛି ଲୋକେ ସକାଳେ ଉଠି ପାଣିରେ ଲେମ୍ବୁ ରସ ଓ ମହୁ ମିଶାଇ ପିଅନ୍ତି। ବାସ୍ତବରେ ନିଜ ଆବଶ୍ୟକତା ଅନୁଯାୟୀ, ସ୍ୱାସ୍ଥ୍ୟକର ପାନୀୟ ନିଜ ଇଚ୍ଛା ଅନୁଯାୟୀ ଚୟନ କରିପାରିବେ। ତେବେ ଏଭଳି କିଛି ସ୍ୱାସ୍ଥ୍ୟକର ପାନୀୟ ବିଷୟରେ ଜାଣନ୍ତୁ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହେବା ସହ ପାଚନକୁ ସୁସ୍ଥ ରଖିଥାଏ। ସେଭଳି ସ୍ୱାସ୍ଥ୍ୟଉପକାରୀ ଏକ ଜିନିଷ ହେଉଛି ତୁଳସୀୟ ଏହାକୁ ଚେରମୂଳୀର ରାଣୀ ବୋଲି ମଧ୍ୟ କୁହାଯାଏ। ତୁଳସୀପତ୍ରକୁ ପାଣିରେ ଭିଜାଇ ଏହାର ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ,ଏସିଡିଟି, ଛାତି ଓ ଗଳାରେ ହେଉଥିବା ଜଳାପୋଡା ସମସ୍ୟାକୁ ଦୂର କରିଥାଏ। ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ସେହିପରି ପାନମଧୁରୀକୁ ଅନେକ ଖାଦ୍ୟ ପ୍ରସ୍ତୁତି ସହ ଅନ୍ୟାନ୍ୟ ବହୁ ଜିନିଷ ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହାସହ ଏହାକୁ ପାଣିରେ ବତୁରାଇ ଏହି ପାଣି ମଧ୍ୟ ପିଇପାରିବେ। ସ୍ୱାଦରେ ଏହା ହାଲକା ମିଠାୟ ଏଥିରେ ଆଣ୍ଟି-ଇନଫ୍ଲେମେଟରୀ ଗୁଣ ମଧ୍ୟ ରହିଛି। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ଏସିଡିଟି ସମସ୍ୟା ମଧ୍ୟ ଦୂର କରିଥାଏ। ତୁଳସୀ ମଞ୍ଜି ଓ ପାନମଧୁରୀ କେବଳ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ନିୟମିତ ସକାଳେ ଏହି ଦୁଇଟି ଜିନିଷକୁ ପାଣିକୁ ବତୁରାଇ ପିଇବା ଦ୍ୱାରା କେଶ ଘନ ଓ ମଜଭୂତ ହୋଇଥାଏୟ ତ୍ୱଚରେ ମଧ୍ୟ ଏହାର ଉତ୍ତମ ପ୍ରଭାବ ଦେଖାଯାଏ। ଏକ ଚାମଚ ପାନମଧୁରୀ କିମ୍ବା ତୁଳସୀ ମଞ୍ଜି ନିଅନ୍ତୁ। ରାତିରେ ଏହାକୁ ଏକ ଗ୍ଲାସ ପାଣିରେ ମିଶାଇ ରଖନ୍ତୁ। ପରଦିନ ସକାଳେ ଉଠିବା ପରେ ଖାଲି ପେଟରେ ପିଅନ୍ତୁ।

## ମଣିଷ ଭଳି ଆଚରଣ ଜରୁରୀ

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ ଉପସ୍ଥିତ ସମସ୍ତ



ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

# ସାହସ, ତ୍ୟାଗ ଏବଂ ବଳିଦାନର ପ୍ରତୀକ ସିଆଇଏସଏଫ

**ଭୁବନେଶ୍ୱର, ୮।୩ (ମହାଭାରତ):** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଶୁକ୍ରବାର ଦିନ ଓଡ଼ିଶାର ମୁଣ୍ଡଳିରେ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦବୋଧନ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ୮୯୦ କୋଟି ଟଙ୍କା ବ୍ୟୟରେ ତିନୋଟି ସିଆଇଏସଏଫ ଆବାସିକ କମ୍ପ୍ଲେକ୍ସ (କାମରୂପ, ନାସିକ ଏବଂ ସେହୋର)ର ଶିଳାନ୍ୟାସ କରିଥିଲେ। ସେ ମଧ ଦୁଇଟି ଆବାସିକ କମ୍ପ୍ଲେକ୍ସ (ରାଜରହାଟ ଏବଂ ଦିଲ୍ଲୀ)କୁ ଉଦଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଗୃହ ସଚିବ ଏବଂ ସିଆଇଏସଏଫର ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ, ଆଜି ୫୬ ବର୍ଷ ପୂରଣ କରିଥିବା ସିଆଇଏସଏଫ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ପହଞ୍ଚିପାରିଛି। ଏହି ସମୟ ମଧ୍ୟରେ ଏହି କେନ୍ଦ୍ରୀୟ ବଳ ନିଜ ପୁରୁଷାର୍ଥର ଦୃଢ଼ ଗାଥା ରଚନା କରିଛି। ସେ କହିଥିଲେ, ଶିଳ୍ପ ବିକାଶ ବିନା ଏକ ଶକ୍ତିଶାଳୀ ଦେଶ, ଏକ ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ଏବଂ ଭାରତକୁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା କରିବାର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଶିଳ୍ପ ବିକାଶ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରର ଏକ ଶିଳ୍ପ ସୁରକ୍ଷା ବାହିନୀର ଆବଶ୍ୟକତା ରହିଛି।



ଗତ ୫୬ ବର୍ଷ ମଧ୍ୟରେ, ସିଆଇଏସଏଫ କେବଳ ନିଜ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ କରିନାହିଁ ବରଂ ସମସ୍ତ ପ୍ରକାରର ଆହ୍ୱାନରୁ ଶିକ୍ଷା ନେଇ ସମୟ ସହିତ ଖାପ ଖୁଆଇବାକୁ ଚେଷ୍ଟା କରିଛି। ସିଆଇଏସଏଫ ଆଧୁନିକତାକୁ ଗ୍ରହଣ କରିଛି ଏବଂ ପରମ୍ପରାକୁ ଜୀବନ୍ତ ରଖିଛି। ସିଆଇଏସଏଫ ଭାରତର ସମୃଦ୍ଧ ଇତିହାସ ସହିତ ବୀରତ୍ୱ, ତ୍ୟାଗ ଏବଂ ସମର୍ପଣର ପରମ୍ପରାକୁ ମିଶ୍ରଣ କରି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସମସ୍ତ ପ୍ରକାରର ଆହ୍ୱାନକୁ ମୁକାବିଲା କରିବାର ଦୃଢ଼ ମନୋବଳ ପ୍ରଦର୍ଶନ କରିଛି। ଶ୍ରୀ ଅମିତ ଶାହ କହିଥିଲେ, ସିଆଇଏସଏଫ ବିନା ଭାରତର ଶିଳ୍ପ ବିକାଶ କଳ୍ପନା କରାଯାଇପାରିବ ନାହିଁ। ସିଆଇଏସଏଫ ସର୍ବଦା ରାଷ୍ଟ୍ରର ଢାଲ ରୂପେ ଦୃଢ଼ ଭାବରେ ଠିଆ ହୋଇଛି। ସେ ଆହୁରି କହିଥିଲେ, ନିକଟରେ ଗୃହ ମନ୍ତ୍ରଣାଳୟ ସମସ୍ତ ବନ୍ଦରର ସୁରକ୍ଷା ସିଆଇଏସଏଫ ଉପରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ଜନତାଙ୍କ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ରଖିଛନ୍ତି - ୨୦୪୭ ସୁଦ୍ଧା ଏକ ପୂର୍ଣ୍ଣ ବିକଶିତ ରାଷ୍ଟ୍ର ନିର୍ମାଣ କରିବା, ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱର ପ୍ରଥମ ସ୍ଥାନରେ ପହଞ୍ଚିବା ଏବଂ ୨୦୨୭ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥବ୍ୟବସ୍ଥା ହେବା। ସିଆଇଏସଏଫ ଏହି ଲକ୍ଷ୍ୟ ହାସଲ କରିବାରେ ଏକ ଉତ୍ପ୍ରେରକ ଭୂମିକା ଗ୍ରହଣ କରୁଛି ବୋଲି ଶ୍ରୀ ଶାହ କହିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ, ସିଆଇଏସଏଫ କର୍ମଚାରୀଙ୍କ ବଳିଦାନ ସର୍ବଦା ଦେଶକୁ ଆର୍ଥିକ ଦୃଷ୍ଟିରୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସିଆଇଏସଏଫ କେବେବି ତାର କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହିଁ। ନଅଟି ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ, ଦୁଇଟି ଶ୍ରେଷ୍ଠ କର୍ପସ ପଦକ ଏବଂ ଅନ୍ତର୍ଜାତୀୟ କ୍ରୀଡାରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିବା ପଦକ, ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଲାଗି ସିଆଇଏସଏଫ କରିଥିବା ପ୍ରସ୍ତୁତିର ୫୬ ବର୍ଷ ମଧ୍ୟରେ ବୀରତ୍ୱ ଏବଂ ବିଶିଷ୍ଟ ସେବା ପାଇଁ ୧୩,୬୯୩ ପଦକ ପାଇଥିବା ସିଆଇଏସଏଫର ଏକ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଭାବରେ ନିଜର ଦକ୍ଷତା ପ୍ରଦର୍ଶନ କରିଛି ବୋଲି ଶ୍ରୀ ଶାହ କହିଥିଲେ।

## ସ୍ୱଚ୍ଛ ସର୍ବେକ୍ଷଣ ବର୍ଷବ୍ୟାପି ଜାରି ରହିବ

**ଭୁବନେଶ୍ୱର, ୮।୩ (ମହାଭାରତ):** ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ବର୍ଷବ୍ୟାପି କାର୍ଯ୍ୟକ୍ରମ ଜାରି ରଖିଛି। ଏହି କ୍ରମରେ ବିଏମ୍ ସି ଅଂଚଳରେ ବିଭିନ୍ନ ଆବାସିକ ସଂଗଠନଗୁଡିକୁ ପରିମଳ କାର୍ଯ୍ୟରେ ସହଭାଗିତା ପାଇଁ ପ୍ରୟାସ ଜାରି ରିଖିଛି। ବିଏମ୍ ସି ଅନୁବନ୍ଧିତ ଶହ ଶହ ଆବାସିକ ସଂଗଠନ ମଧ ନିଜ ନିଜ ଅଂଚଳରେ ସ୍ୱଚ୍ଛତା ରକ୍ଷା ପାଇଁ ସେମାନଙ୍କର ପ୍ରୟାସ ଜାରି ରଖିଛନ୍ତି। ଆବାସିକ ସଂଗଠନଗୁଡିକୁ ସକ୍ରିୟ ରଖିବା ସହ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଫିଡ୍ ବ୍ୟାକ୍ ଫାଉଣ୍ଡେସନ, ବିକାଶ ଏବଂ ବେସିକ୍ସ ମ୍ୟୁନିସପାଲ ଓ୍ୱେଷ୍ଟ ଭେଣ୍ଡର ସେମାନଙ୍କର ଆଇଇସି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବେସିକ୍ସ ୧୭୩ ଆବାସିକ ସଂଗଠନରେ ଆଇଇସି କାର୍ଯ୍ୟକ୍ରମ କରିବା ସହ ଏହାର ସଦସ୍ୟ ସଦସ୍ୟାଙ୍କୁ ସଚେତନ କରାଉଛି। ସେମାନେ ନିଜ ନିଜ ଅଂଚଳ ତଥା ପରିବେଶକୁ କିପରି ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବେ, ଲୋକମାନେ ସମସ୍ତେ କିପରି ନିଜ ଘରୁ ବର୍ଜ୍ୟକୁ ଅଲଗା ଅଲଗା କରି ଦେବେ। ଏଣିକି ଓଦା, ସୁଖିଲା, ସାନିଟାରୀ ନାପକିନ୍ ଓ ବିପଦପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟକୁ ଅଲଗା ଅଲଗା ୪ଟି ଡଷ୍ଟବିନରେ ରଖିବାକୁ ପଡିବ। ଆମ ଘର ବା ଆପାର୍ଟମେଂଟର ଚାରିପାଖରେ ବୃକ୍ଷ ରୋପଣ କରିବା ଆଦି ସଂପର୍କରେ ସଚେତନ କରାଉଛନ୍ତି। ଆବାସିକ ସଂଗଠନର କର୍ମକର୍ତ୍ତା, ସଦସ୍ୟ, ସଦସ୍ୟା, ଆପାର୍ଟମେଂଟ ବାସିନ୍ଦା ଆଦି ସମସ୍ତେ ଯେପରି ସ୍ୱଚ୍ଛତା ବଜାୟ ରଖିବା ପାଇଁ ବିଏମ୍ ସିକୁ ସହାୟତାର ହାତ ବଢାଇବେ, ସହଯୋଗ କରିବେ ଏବଂ ସେହିମାନଙ୍କ ସହଭାଗିତାରେ ସହରକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରଖିଛି ବିଏମ୍ ସି। ସେହିପରି ଫିଡ୍ ବ୍ୟାକ୍ ୨୫୦ ଗୋଟି ଆବାସିକ ସଂଗଠନ ଏବଂ ବିକାଶ ୨୧୬ ଗୋଟି ଆବାସିକ ସଂଗଠନର ଦାୟିତ୍ୱ ନେଇଛନ୍ତି।

## ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ ଆଇରନ୍ ଓର୍

**ଭୁବନେଶ୍ୱର, ୮।୩ (ମହାଭାରତ):** ନାଡ଼ିଡିହି ଏବଂ ରେଙ୍ଗାଲବେଡାର ଆଭ୍ୟନ୍ତରୀଣ ଗ୍ରାମଗୁଡ଼ିକରେ ନୀରବ ବିପ୍ଳବ ଜୀବନ ପରିବର୍ତ୍ତନ କରୁଛି। ଯେଉଁ ଝିଅଟି ପୂର୍ବରୁ କଲେଜକୁ ଅପହଂଚ ବୋଲି ଭାବୁଥିଲା, ଏବେ ସେ ଏକ ନିୟମିତ ସ୍କୁଲ ବସ୍ ସେବା ଉପରେ ନିର୍ଭର କରୁଛି। ଯେଉଁ ମା' ପୂର୍ବରୁ ଚିକିତ୍ସା ପାଇଁ ମାଇଲ୍ ମାଇଲ୍ ଯାତ୍ରା କରୁଥିଲେ, ସେ ଏବେ ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ଘର ପାଖରେ ସୁଲଭ ଚିକିତ୍ସା ପାଉଛନ୍ତି। ଜଣେ ଉଦ୍ୟୋଗୀ ହେବାର ଆକାଂକ୍ଷା ଥିବା ଯୁବତୀ ଏବେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରିବାର ଦକ୍ଷତା ଏବଂ କ୍ଷମତା ସହିତ ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା (ଆଇଓଓ) ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ଥାପନ ପାଇଁ ପ୍ରୋତ୍ସାହନ ଯୋଗୁ ସକ୍ଷମ ହୋଇଛନ୍ତି। ଚଳିତ ଅନ୍ତର୍ଜାତୀୟ ମହିଳା ଦିବସରେ, ବେଦାନ୍ତ ଆଇଓଓ ଅର୍ଥପୂର୍ଣ୍ଣ ମହିଳା ସଶକ୍ତିକରଣ ମାଧ୍ୟମରେ ସ୍ଥାୟୀ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି। ଏହି ଅବସରରେ ବେଦାନ୍ତ ଆଇଓଓର ଉପାଧ୍ୟକ୍ଷ ସିଇଓ ବିଶ୍ୱନାଥ ସାହୁ କହିଲେ, ବେଦାନ୍ତ ଆଇଓଓ ବିଶ୍ୱାସ କରେ ମହିଳାମାନଙ୍କୁ ସଶକ୍ତ କରିବା ହେଉଛି ସ୍ଥିର ଗୋଷ୍ଠୀ ଗଠନର ମୂଳଦୁଆ। ଶିକ୍ଷା, ବୃତିଗତ ତାଲିମ ମାଧ୍ୟମରେ ସଶକ୍ତିକରଣ ଏବଂ ମୌଳିକ ସୁଲଭ ସ୍ୱାସ୍ଥ୍ୟସେବା ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଆମର ପଦକ୍ଷେପଗୁଡ଼ିକ ଦୁର୍ଗମ ଅଂଚଳର ମହିଳାମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ପରିବର୍ତ୍ତନରେ ଯୋଗଦାନ ଦେଇଛି। ଏହି ଅବସରରେ, ଆମେ ସ୍ଥାନୀୟ ଗୋଷ୍ଠୀର ସାମଗ୍ରିକ ପ୍ରଗତି ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରୁଛୁ। ବେଦାନ୍ତ ଆଇଓଓ ୨୦୦ ରୁ ଅଧିକ ଛୋଟ ପିଲାଙ୍କ ପାଇଁ ନିରାପଦ ଏବଂ ନିରାପଦ ଯାତାୟାତ ସୁନିଶ୍ଚିତ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଝିଅ। ଏହି ପଦକ୍ଷେପ ଶିକ୍ଷାଦାନରେ ନିରନ୍ତରତା ଏବଂ ସ୍କୁଲ ଛାଡୁଥିବା ହାର ହ୍ରାସ କରିବାରେ ସହାୟକ ହୋଇଛି। ବସ୍ ସେବାର ଉଦ୍‌ଘାଟନ ସମୟରେ ଭିପି କାଶିରାର ସରପଂଚ ଶ୍ରୀମତୀ ରାଣୀ ଲୋହାର ଏହି ପଦକ୍ଷେପକୁ ନେଇ କହିଲେ, ବେଦାନ୍ତର ପ୍ରୋଜେକ୍ଟ ବିଦ୍ୟା ଅଧୀନରେ ସ୍କୁଲ ବସ୍ ପ୍ରଚଳନ ଆମ ଗାଁ ପାଇଁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ହୋଇଛି। ଏହା ନିଶ୍ଚିତ କରିଛି ଯେ ଆମର ପିଲାମାନେ, ବିଶେଷକରି ଦୂରଦୂରାନ୍ତର ଅଂଚଳର ପିଲାମାନେ, ପ୍ରତିଦିନ ସ୍କୁଲକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ପରିବହନ ପାଇପାରିବେ। ଏହି ପଦକ୍ଷେପ ଆମ ଗୋଷ୍ଠୀର ଭବିଷ୍ୟତକୁ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ।

# ଗୋ-ହୋମଷ୍ଟେ ପୋର୍ଟାଲ୍ ଶୁଭାରମ୍ଭ

**ଭୁବନେଶ୍ୱର,୮।୩ (ମହାଭାରତ):** ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରରେ 'ଗୋ-ହୋମଷ୍ଟେ' ପୋର୍ଟାଲର ଶୁଭାରମ୍ଭ କରି ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଛନ୍ତି। ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମଷ୍ଟେ ସ୍କିମ୍ ୨୦୨୫' କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମଷ୍ଟେ କର୍ମଶାଳା' ସହିତ ଏହି ଶୁଭାରମ୍ଭ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହୋମଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟର ଏକ ଦ୍ୱାର। ସେ କହିଛନ୍ତି ଯେ 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଆଶାୟୀ ହୋମଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳ ସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ। ସେ ଆହୁରି



ମଧ କହିଛନ୍ତି ଯେ ଏହି ପଦକ୍ଷେପ ପର୍ଯ୍ୟଟନ-ଭିତିକ ବିକାଶ ମାଧ୍ୟମରେ ଗ୍ରାମାଂଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସହ ସମାନ୍ତରାଳ ରହିଛି। ଏହି କର୍ମଶାଳାରେ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ଓ୍ୱାଇଲ୍ଡରନେସ୍ ହୋମଷ୍ଟେ'ର ପ୍ରତିନିଧିମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିଜ୍ଞ ହୋମଷ୍ଟେ ମାଲିକମାନଙ୍କ ସହ ପ୍ୟାନେଲ୍ ଆଲୋଚନା ମଧ କରାଯାଇଥିଲା, ଯେଉଁଥିରେ ସେମାନେ ସଫଳତାର କାହାଣୀ ଏବଂ ଶ୍ରେଷ୍ଠ କାର୍ଯ୍ୟଶୈଳୀ ବାବଦରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲଓ୍ୱନ୍ତ ସିଂ, ନିର୍ଦ୍ଦେଶକଦୀପଙ୍କର ମହାପାତ୍ର, ଓଏଲଏମର ନିର୍ଦ୍ଦେଶିକା-ତଥା-ସିଇଓ ଶ୍ରୀମତୀ ମୋନିକା ପ୍ରିୟଦର୍ଶିନୀ;ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ; ଆର୍ଥିକ ଅନୁଷ୍ଠାନର ପ୍ରତିନିଧି, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହୋମଷ୍ଟେ ମାଲିକ, ହୋମଷ୍ଟେଜ୍ ଅଫ୍ ଇଣ୍ଡିଆର ବିଶେଷଜ୍ଞ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ।

## ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର, ୮।୩ (ମହାଭାରତ):** ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାର, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରି ହେବ ସେଥିନେଇ ଆଲୋଚନା ହୋଇଥିଲା। ପରିବହନ ଖର୍ଚ୍ଚକୁ ହିସାବକୁ ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଏବଂ ଆଉଟ୍‌ଡୋର ସାମଗ୍ରୀ, ବୈଦ୍ୟୁତିକ



ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା। ଭିତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଇଆଇସି-ତଥା-ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ଡିଜାଇନ) ଇଂ ସମୀର ହୋତା, ଇଆଇସି ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍‌ସ) ଇଂ ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ଇଂ ଶିବବ୍ରତ ତରିଆ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା କର୍ମଶାଳା

**ଭୁବନେଶ୍ୱର, ୮।୩ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଚଳିତ ମାସ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉଛି। କ୍ରୀଡା ଓ ଯୁବ ସେବା ବିଭାଗ ସହଯୋଗୀତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଭୁବନେଶ୍ୱରସ୍ଥିତ କିସ କ୍ୟାମ୍ପସରେ ଜୁଡୋ ଆଧାରିତ ଆତ୍ମରକ୍ଷା କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟଶାଳାରେ କିସର ପ୍ରାୟ ୫୦୦ ଜଣ ଛାତ୍ରୀ ଯୋଗଦେଇ ଜୁଡୋର ବିଭିନ୍ନ ସ୍ୱୟଂରକ୍ଷା କୌଶଳ ଶିଖିଥିଲେ। ଏହି ଅବସରରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ଉତମ ସମାଜ ଗଠନରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

## ୫ କୋଟି ଟଙ୍କାର ଗଞ୍ଜେଇ ଜବତ

**ଭୁବନେଶ୍ୱର, ୮।୩ (ମହାଭାରତ):** କୋରାପୁଟ ଜିଲ୍ଲା ପୋଲିସ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ନିକଟସ୍ଥ ପାଡୁଆ ଥାନା ଅଧୀନ ଝୋଲାପୁଟ ଜଙ୍ଗଲ ଅଂଚଳରେ ଚାଲୁଥିବା ଏକ ଅସ୍ଥାୟୀ ମାନୁଫ୍ୟାକ୍ଚରିଂ ୟୁନିଟ୍ ଉପରେ ଚଢ଼ାଉ କରି ୧୮୦ ଲିଟରରୁ ଅଧିକ ହାଶିଶ ତେଲ (ଗଞ୍ଜେଇରୁ ପ୍ରସ୍ତୁତ) ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଡିଆଇଜି (ଦକ୍ଷିଣାଂଚଳ)ଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଯୋଜନାବଦ୍ଧ ଚଢ଼ାଉ କରାଯାଇଥିଲା। ଅଭିଯାନ ସମୟରେ ହାଶିଶ ତେଲ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଉପକରଣ ମଧ ଜବତ କରାଯାଇଛି। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ଚଢଉ ଜାରି ରହିଛି।

ସେହିପରି ଅନ୍ୟ ଏକ ଅଭିଯାନରେ ନନ୍ଦପୁର ଥାନା ପୋଲିସ ୧୧୪୩ କେ.ଜି. ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ୨ଟି ମହିନ୍ଦ୍ରା ପିକଅପ୍ ଗାଡ଼ିରେ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଗିରଫ ହୋଇଥିବା ୨ ଜଣ ବ୍ୟକ୍ତି କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଅଂଚଳର ହୋଇଥିବା ବେଳେ ଅନ୍ୟ ୨ ଜଣ ହରିୟାଣାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମାମଲାର ତଦନ୍ତ ଜାରି ରହିଛି। ଓଡ଼ିଶା ପୋଲିସ ରାଜ୍ୟର ବିଭିନ୍ନ ଅଂଚଳରେ ଚାଲିଥିବା ଗଞ୍ଜେଇ ଚାଷ ଓ ମାଦକଦ୍ରବ୍ୟ କାରବାରକୁ ରୋକିବା ପାଇଁ ସ୍ୱତନ୍ତ୍ର ଓ ସଂଗଠିତ ଅଭିଯାନ ଜାରି ରଖିଛି। ଏହି ଅଭିଯାନର ଫଳସ୍ୱରୂପ ଅପରାଧୀମାନେ ତାଙ୍କର କାର୍ଯ୍ୟ ପ୍ରଣାଳୀରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରୁଛନ୍ତି। ଗଞ୍ଜେଇ ପରିମାଣରେ ବହୁଳ ଓ ଆୟତନରେ ବଡ଼ ହେତୁ ଏହାର ପରିବହନ କଷ୍ଟସାଧ୍ୟ ହେବା ସହିତ ସହଜରେ ଧରାପଡ଼ିବାର ସମ୍ଭାବନା ବେଶି ରହେ। ଏହାର ପ୍ରଭାବରେ ଅପରାଧୀମାନେ ଗଞ୍ଜେଇରୁ ହାଶିଶ ତେଲ ପ୍ରସ୍ତୁତ କରି ସ୍ୱଳ୍ପ ପରିମାଣରେ ଉଚ୍ଚ ମୂଲ୍ୟର ମାଦକଦ୍ରବ୍ୟ ପରିବହନ କରିବା ପରି ନୂତନ କୌଶଳ ଆପଣାଇବାକୁ ଚେଷ୍ଟା କରୁଛନ୍ତି। ୧ ଲିଟର ହାଶିଶ ତେଲର ବଜାର ମୂଲ୍ୟ ପ୍ରାୟ ୧ କେଜି ଗଞ୍ଜେଇ ମୂଲ୍ୟଠାରୁ ପ୍ରାୟ ୨୫ ଗୁଣ ଅଧିକ ଥିବାରୁ ଅପରାଧୀମାନେ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଏହା ପ୍ରସ୍ତୁତ କରୁଛନ୍ତି।

## ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୮।୩ (ମହାଭାରତ):** ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ରାଜୁ ସିଂଙ୍କୁ ସୋମବାର ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ



ଏକ ସଭାରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ଅଧ୍ୟକ୍ଷତା କରି ରାଜୁ ସିଂଙ୍କ ନିରାମୟ ଭବିଷ୍ୟତ କାମନା କରିବା ସହ ତାଙ୍କ କାର୍ଯ୍ୟ ଦକ୍ଷତା ଏବଂ କର୍ତବ୍ୟନିଷ୍ଠାର ପ୍ରଶଂସା କରିଥିଲେ। ନିର୍ଦ୍ଦେଶକ ଶ୍ରୀ ଦାସପଟ୍ଟନାୟକ ରାଜୁ ସିଂଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜୁ ସିଂ ନିଜ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ସହକର୍ମୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଶ୍ରୀ ସିଂ ଦୀର୍ଘ ବର୍ଷ ଧରି ବିଭାଗରେ ଫଟୋଗ୍ରାଫର ଭାବେ ନିଜର ଦାୟିତ୍ୱ ନିର୍ବାହ କରିବା ସହ ନିଜର ଦକ୍ଷତା ପାଇଁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ସେ ଦୀର୍ଘ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଥିଲେ ଏବଂ ଜଣେ ଅଭିଜ୍ଞ ଫଟୋଗ୍ରାଫର ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଶାସନ ସଚିବ ସେକ୍ କଲାମୁଦ୍ଦିନ୍, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ଫଟୋ ଅଧିକାରୀ ନିରଞ୍ଜନ ବରାଳ, ଗିରୀଶ କୁମାର ସ୍ୱାଇଁ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ରାଜୁ ସିଂଙ୍କ ସହ ସେମାନଙ୍କର ବନ୍ଧୁତ୍ୱ ଓ ଅନୁଭୂତି ବର୍ଣ୍ଣନା କରିଥିଲେ।

# ମହିଳା ଆୟୋଗ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୮।୩ (ମହାଭାରତ):** ମହିଳାଙ୍କ ବିରୁଦ୍ଧରେ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତି ବିବାଦ, କାର୍ଯ୍ୟାଳୟରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ, ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନ ଶୁଣାଣି (ଜନ ଶୁଣାଣି) କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ଲକ୍ଷ୍ମୀ ସାଗର ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଂଚଳର ସମୁଦାୟ ୮୬ ମାମଲାରେ ପକ୍ଷ ମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ପୂର୍ବରୁ ବିଭିନ୍ନ ଅଭିଯୋଗ ଗୁଡିକର ଆଶୁ ସମାଧାନ ପାଇଁ ବ୍ୟବସ୍ଥାମାନ ଗ୍ରହଣ କରାଯାଇଥିଲା। ପୂର୍ବରୁ ବିଭିନ୍ନ



ହୋଇଥିବା ବେଳେ, ସେଥୁ ମଧ୍ୟରୁ ମୋଟ ୪୫ ମାମଲାରେ ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ଅଭିଯୋଗର ଶୁଣାଣି ହୋଇ ସମୟରେ ୧୫୦ ଗୋଟି ମାମଲାରେ ଖୋର୍ଦ୍ଧା ଜିଲ୍ଲାର ପୋଲିସ କର୍ତୃପକ୍ଷ, ଜିଲ୍ଲା ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଇତ୍ୟାଦି କର୍ତୃପକ୍ଷଙ୍କୁ ଉକ୍ତ ମାମଲା ଗୁଡିକର ତଦନ୍ତ କରି ରିପୋର୍ଟ ଦାଖଲ ସହ ଆଇନ ସେବା ଯୋଗାଇ ଦେବାକୁ ଆୟୋଗ ତରଫରୁ ସୁପାରିଶ କରାଯାଇଥିଲା। ତେଣୁ, ଆଜିର ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ ମାମଲାରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିଥିଲେ। ସେହିପରି, ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୬ ଗୋଟି ନୂତନ ମାମଲାର ପଞ୍ଜିକରଣ ମଧ ହୋଇଥିଲା। ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଆୟୋଗର ସମସ୍ତ ସଦସ୍ୟା ଯଥାକ୍ରମେ ଶ୍ରୀମତୀ ଉର୍ମିଳା ମହାପାତ୍ର, ଶ୍ରୀମତୀ ପ୍ରତିଭା ଶତପଥୀ, ଶ୍ରୀମତୀ ମୁକ୍ତା ସାହୁ ଏବଂ ଡକ୍ଟର କଳ୍ପନା ମାଳିକ, ପ୍ରଭୃତି ଉପସ୍ଥିତ ରହି ମାମଲା ଶୁଣାଣି ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି, ମହିଳା ଆୟୋଗର ଆବାହକ ସଚିବ ଶ୍ରୀ ବିବେକାନନ୍ଦ ସାହୁ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମର ସୁପରିଚାଳନା ସହ ତଦାରଖ କରିଥିଲେ।

## ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ

ଗ୍ରାମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ ୩୭୭୪ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି ୭ହଜାର ଟଙ୍କା ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରୀଦ୍ର୍ୟ ଦୁରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି। ମାଗଣା ରାସନ ବା ଖାଦ୍ୟ ସୁରକ୍ଷା ଯୋଜନା, ସ୍କୁଲ ପିଲାଙ୍କୁ ମାଗଣା ପୋଷାକ ଓ ସାଇକେଲ ଭଳି ଯୋଜନା ଗରିବ ପରିବାର ଉପରେ ଆର୍ଥିକ ଚାପ ହ୍ରାସ କରିଛି ଏବଂ ସେମାନେ କେବଳ ଖାଇବାରେ ଖର୍ଚ୍ଚ ନକରି ଭିନ୍ନ ଲକ୍ଷ୍ୟରେ ଅର୍ଥ ବିନିଯୋଗ କରୁଛନ୍ତି। ଅନେକ ନିଜ ପାଇଁ ଅତିରିକ୍ତ ଆୟର ପନ୍ଥା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ। ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା। ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି। ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ରଷିଆ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି।

# ଦେଖିବାକୁ ସୁନାପରି


॥ ଅଜୟ କୁମାର ବେହେରା ॥



“ ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି।


ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଜରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୁ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆକ୍ଷି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖିନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଳର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ


॥ ଉମେଶ ଚନ୍ଦ୍ର ପାତ୍ର ॥


ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ - ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ। ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ ! ମା'କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଲୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।


ସହପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ଆମେ ଓ ଆମ ପରିବେଶର ପଶୁପକ୍ଷୀ


॥ ବିପିନ ବିହାରୀ ମହାନ୍ତି ॥


ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ। ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ। କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା। ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା। ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି। ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ। ଏ ସବୁଥି ପାଇଁ ମଣିଷ ଦାୟୀ। ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ। ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ। ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି। ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି। ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ। ଏକଥା ସେ ବୁଝିବା ଉଚିତ୍। ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍। ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ। ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ। ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି। ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ। ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି। କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି। ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି।ଜୀବେ ଦୟା ଧର୍ମ। ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ। ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ। ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି। ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି। ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ। ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ। ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ। ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ। ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ। ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି। ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ। ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା। ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି। ଏଥିପାଇଁ ୱାଇଲଡ଼ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି। ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି। ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି। ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା।


ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ




ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣର ସାମାଜିକ ସଙ୍ଗଠନ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ରବିବାର ଦିନ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ମହିଳାମାନଙ୍କ ଶିକ୍ଷିତ କରିବା, କନ୍ୟାରତ୍ନମାନଙ୍କୁ ଯୋଗ୍ୟ କରିବା ଆଦି ବିଷୟବସ୍ତୁକୁ ଗୁରୁତ୍ୱ ଦେଇ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ,ବନ୍ଦର ସଚୀବ ବାପୁ ରାଜୁ ଜି, ମୁଖ୍ୟ ଅର୍ଥ ପରାମର୍ଶଦାତା ଏ.କେ. ସାହୁଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବେ ସାକ୍ଷରତା ସମିତି ପରିଚାଳନା ସମିତିର ପୂର୍ବତନ ସଦସ୍ୟା ସ୍ୱର୍ଣ୍ଣ ମିଶ୍ର ଏବଂ ସବିତା ମିଶ୍ର ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସମିତିର ଉପାଧ୍ୟକ୍ଷ ଏ.କେ.ସାହୁ । କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥଲେ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ।

## ଆଦିବାସୀ ମହୋତ୍ସବ-୨୦୨୬ ଅନୁଷ୍ଠିତ



ପାରାଦୀପ, (ମହାଭାରତ) : ପାରାଦୀପ ଗଲ୍ଫ କୋର୍ସ ପରିସରରେ ଆଦିବାସୀ ମହୋତ୍ସବ-୨୦୨୬ ରବିବାର ଦିନ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ,ବନ୍ଦର ସଚୀବ ବାପୁ ରାଜୁ ଜି, ମୁଖ୍ୟ ଅର୍ଥ ପରାମର୍ଶଦାତା ଏ.କେ. ସାହୁ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀ ସଂସ୍କୃତି, ପରମ୍ପରାକୁ ପାରଦୀପ ବନ୍ଦର ସବୁବେଳେ ଗୁରୁତ୍ୱ ଦେଇ ଆସିଛି । ପ୍ରତ୍ୟେକ ବର୍ଷ ଆଦିବାସୀ ଭାଇଭଉଣୀମାନଙ୍କ ମଧ୍ୟରେ ଏକତା, ପରମ୍ପରା ଓ ଭାଇଚାରା ବହାୟ ରଖିବା ପାଇଁ ଆଦିବାସୀ ମହୋତ୍ସବର ଆୟୋଜନ କରାଯାଇଥାଏ । ଚଳିତ ବର୍ଷ ଧନୁ ଶର ପ୍ରତିଯୋଗିତା,ଆଦିବାସୀ ନୃତ୍ୟ ଓ ମହିଳାମାନଙ୍କ ମଧ୍ୟରେ ହାଣ୍ଡିବାଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପାରାଦୀପ ଅଂଚଳରେ ଥିବା ଆଦିବାସୀ ଭାଇଭଉଣୀମାନେ ବହୁ ସଂଖ୍ୟାରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

## ଡ୍ୟୁଟିରେ ଥିବା ବେଳେ ନାଲକୋର ଜଣେ ଘରୋଇ ସୁରକ୍ଷା କର୍ମୀଙ୍କର ମୃତ୍ୟୁ

ଅନୁଗୋଳ,(ମହାଭାରତ) : ନାଲକୋ ରେ ଘରୋଇ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଜଣେ ବ୍ୟକ୍ତିଙ୍କର ଶନିବାର ମୃତ୍ୟୁ ଘଟିଛି । ମୃତକ ଜଣକ ଜୟ ପ୍ରକାଶ ବେହେରା, ବୟସ - ୫୧ ବୋଲି ଜଣା ପଡିଛି । ସୂଚନା ଏ ସିଫ୍ଟ ରେ ଡ୍ୟୁଟି କରିବାକୁ ଆସିଥିବା ଜୟ ପ୍ରକାଶ ଡ୍ୟୁଟି ରେ ଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ନାଲକୋ ମେଡିକାଲ କୁ ଅଣାଯାଇଥିଲା । ତେବେ ନାଲକୋ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଜୟ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା । ତେବେ କାର୍ଯ୍ୟରେ ଥିବା ସମୟରେ ଜୟ ପ୍ରକାଶ ଙ୍କ ମୃତ୍ୟୁ ହୋଇଥିବା ବେଳେ, ତାଙ୍କ ପରିବାରକୁ ଉଚିତ୍ କ୍ଷତି ପୂରଣ ସହ ପରିବାରରୁ ଜଣକୁ ନିଯୁକ୍ତି ଦେବାପାଇଁ ଦାବି କରାଯାଇଛି । ତେବେ ନାଲକୋ ରେ ଥିବା ସମସ୍ତ ସଂଗଠନ ର କାର୍ଯ୍ୟକର୍ତ୍ତା, ନାଲକୋ ଅଧିକାରୀ, ଏସ୍ଆଇଏସ୍ ସଂସ୍ଥାର ଅଧିକାରୀ ଓ ମୃତକଙ୍କ ପରିବାରର ସର୍ବ ସମ୍ମତି କ୍ରମେ ନାଲକୋ ତରଫରୁ କୋଡ଼ିଏ ଲକ୍ଷଟଙ୍କା ଏବଂ ଏସ୍ଆଇଏସ୍ ସଂସ୍ଥା ତରଫରୁ ଏକଲକ୍ଷ ଦଶହଜାର ଟଙ୍କା ସହ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଦେବା ଏବଂ ପରିବାରକୁ ପିଏଫଓ ଇଏସ୍ ?ଆଇ ପ୍ରାପ୍ୟ ନିମନ୍ତେ ମ୍ୟାନେଜମେଣ୍ଟ ଏବଂ ଏସ୍ଆଇଏସ୍ ସଂସ୍ଥା ସହଯୋଗ କରିବାପାଇଁ ପ୍ରବିଶୃତି ଦେଇଥିଲେ । ପ୍ରତିଶୃତି ପରେ ଶବକୁ ବ୍ୟବଛେଦ ନିମନ୍ତେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ।

## ଭୀମଭୋଇ ମେଡିକାଲ କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବଲାଙ୍ଗୀର, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲ ଅଡିଟୋରିୟମଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଗୌରଭ୍ ଶିବାଜୀ ଇସଲୱାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡାଃ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ସିଡିଏମଓ ପୁଷ୍ପାଞ୍ଜଳି ମିଶ୍ର ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଦେଶ ଗଠନରେ ମହିଳାମାନଙ୍କ ଅବଦାନକୁ ପ୍ରଶଂସା କରି କହିଥିଲେ ଯେ, 'ନାରୀ ଶକ୍ତିର ସଶକ୍ତିକରଣ ହିଁ ଏକ ସମୃଦ୍ଧ ସମାଜର ପ୍ରକୃତ ମୂଳଦୁଆ' । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ 'ସୁଭଦ୍ରା' ର ଚତୁର୍ଥ କିସ୍ତି ମହିଳା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ସୁଭଦ୍ରା ଯୋଜନା ମହିଳାମନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରୁଛି । ଏହି ଯୋଜନା ଦ୍ୱାରା ମହିଳାମାନେ ରାଜ୍ୟର ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇପାରୁଛନ୍ତି ବୋଲି ସେ କହିଥିଲେ । ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ମହିଳା, ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷର ବିଷୟବସ୍ତୁକୁ ଆଧାର କରି ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

# ଖଣି ଅଞ୍ଚଳରେ ୩ ଜଣ ଡାକ୍ତରରେ ଚାଲିଛି ଡ଼ାକ୍ତରଖାନା, ରୋଗୀ ସେବା ବିପର୍ଯ୍ୟସ୍ତ




ଯୋଡା,୭/୦୩(ମହାଭାରତ) ଯୋଡା ର କମାର ଯୋଡ଼ା ନିକଟରେ ଏକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରେ ମାତ୍ର ୩ ଜଣ ଡାକ୍ତର ରେ ଚାଲିଛି ଡ଼ାକ୍ତର ଖାନା । ଏବେ ଏହି ପ୍ରମୁଖ ସହର ଯୋଡା କେବଳ ଏହି ଖଣି ମଣ୍ଡଳରୁ ବର୍ଷ କୁ ୧୫ ଶହ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଜିଲ୍ଲା ଖଣିଜ ପାଣ୍ଠି କୁ ଦେଇ ଥାଏ ।ତେବେ ରାଜସ୍ୱ ଦେବାରେ ଏକ ନମ୍ବର ଥିବା ଯୋଡା, ପାଇବାରେ ସବୁବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କୁଣ୍ଠିତ ହୋଇ ଆସୁଛି ।ଯୋଡା ବ୍ଲକ୍ ରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।ଅଞ୍ଚଳ ର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ଏବେ ବି ଘରୋଇ ଡାକ୍ତରଖାନ। କୁ ଭରସା କରି ରହିଛନ୍ତି । ଯୋଡ଼ାରେ ଥିବା ୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନ। ଏବେ ସଙ୍କୁଚିତ ହୋଇ ୧୫ ଶଯ୍ୟାରେ ପରିଣତ ହେଲାଣି ।୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନ।ରେ ଫିଜିଓଥେ ର।ପି ପ୍ରତିଷ୍ଠା ହେବ। ଯୋଗୁଁ ବେଡ଼ ସଂଖ୍ୟା ୧୫ କୁ ହ୍ରାସ ପାଇଛି । ଏ ସଂକ୍ରାନ୍ତରେ ଡାକ୍ତରଖାନ।ରେ ଥିବା ଡାକ୍ତର କେଦାରନାଥ ପତି କହିଛନ୍ତି ଯେ, ବୟସ ଅଧିକ ହୋଇ ଯିବାରୁ ଡି ଏମ ଏଫ୍ ଦ୍ୱାରା ପୂର୍ବରୁ ନିୟୋଜିତ ଥିବା ଦୁଇ ଜଣ ଡାକ୍ତର ଙ୍କୁ ବର୍ତ୍ତମାନ ସୁଦ୍ଧା ପୁନଃ ନିଯୁକ୍ତି ଦିଆ ଯାଇ ନାହିଁ ।ତେବେ ଡାକ୍ତର ପତି କହିଛନ୍ତି ଯେ,୧୧ ଜଣ ଡାକ୍ତର ଙ୍କ ଜାଗାରେ ତିନି ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ।ତେଣେ ଦୀର୍ଘ ଏକ ବର୍ଷ ଧରି ସ୍ଥାୟୀ ଫାର୍ମାସିଷ୍ଟ ନାହାନ୍ତି । ନିଶ୍ଚେତକ ଡାକ୍ତର ,ଅସ୍ତ୍ରୋପଚା।ର୍ ଡାକ୍ତର ନ ଥିବାରୁ ଓଟି ଗୋଦାମ ଗୃହରେ ପରିଣତ ହେଲାଣି ।ତେବେ ଡାକ୍ତର ମାନଙ୍କ ଚେଷ୍ଟା ଫଳରେ ଲେବର ରୁମ୍ ଟି କ।ର୍ଯ୍ୟକ୍ଷେମ ରହିଛି । ଏବଂ ଜନନୀ ସେବା ଯୋଗାଇ ଦିଆ ଯାଉଛି । ଡାକ୍ତରଖାନ। କୁ ଦୈନିକ ଦେଢ଼ ଶହ ରୁ ଦୁଇ ଶହ ରୋଗୀ ଯୋଡା, ଯୁରୁଡ଼ି, କମଳ ପୁର, ଜଜାଙ୍ଗ, ଜଲହରି, ଜ।ମିର୍ଦ୍ଦା, ଜରିବ।ହାଲ, ପଳଶ। ପ୍ରଭୃତି ଅଞ୍ଚଳରୁ ଆସିଥାନ୍ତି ।ହେଲେ ଡାକ୍ତର ଅଭାବ,ବିଶେଷଜ୍ଞ ଡାକ୍ତର ଅଭାବ ହେତୁ ଅନ୍ୟ ସ୍ଥାନ କୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଏ ନେଇ ଡାକ୍ତରଖାନ। କୁ ଆସିଥିବା ରୋଗୀ ରାତ୍ରି ଦେଓଗ।ମ୍ କହିଛନ୍ତି ଯେ, କାନ କୁ ଶୁଭୁ ନ ଥିବାରୁ ସେ ଡାକ୍ତରଖାନ। କୁ ଆସିଥିଲେ । ତେବେ ସେହି ବିଭାଗ ର ଡାକ୍ତର ନ ଥିବାରୁ ସେ ଉପଯୁକ୍ତ ଚିକିତ୍ସା ପାଇ ପ।ରି ନ ଥିବା ସେ କହିଛନ୍ତି ।ରୋଗୀ ନନ୍ଦଲାଲ ବୋଦ୍ରା କହିଛନ୍ତି ଯେ,ନବଜାତ ଶିଶୁ ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ନ ଥିବାରୁ ବହୁ ଅସୁବିଧାର ସେ ସମ୍ମୁଖିନ ହେଉଛନ୍ତି । କମଳପୁର ର ଦୁର୍ଯ୍ୟଧନ ବେହେରା କହିଛନ୍ତି ଯେ,ଯଦିଓ ଡାକ୍ତର ଖାନ।ରେ ଡାକ୍ତର ଙ୍କ ସଂଖ୍ୟା କମ ଅଛି ହେଲେ କେହି ନ। କେହି ଡାକ୍ତର ଥିବାରୁ ଆଶୁ ଚିକିତ୍ସା ହୋଇ ପାରୁଚି ହେଲେ ସମ୍ପୂର୍ଣ୍ଣ ଚିକିତ୍ସା ମିଳି ପାରୁ ନାହିଁ ।ସେ କହିଥିଲେ ଯେ, ତା ୨୧/୦୭/୨୦୨୨ ରିଖରେ ଆରମ୍ଭ ହୋଇ ୨୨/୦୭/୨୦୨୪ ରେ ସମ୍ପୂର୍ଣ୍ଣ ହେବାର ଦିନ ଧାର୍ଯ୍ୟ ହୋଇଥିଲେ ହେଁ ନିର୍ମାଣଧିନ ବହୁ ତଳ କୋଠା ର କନ୍ ଟ୍ର।କଟର ପେଟି ରେ କାମ ଦେଇ ଏଠାରୁ ଚାଲି ଯାଇଛି ।୨୦୨୨ ରେ ଏହାର ବ୍ୟୟ ଅଟକଳ ୨୩ କୋଟି ୬୭ ଲକ୍ଷ ୨୭ ହଜାର ୧୫ ଟଙ୍କା ହୋଇ ଥିଲା ।ଏହା ଓମ୍ ବା।ଡ ସି (ଓଡ଼ିଶା ମିନେରାଲ ବିଅରିଂ ଏ ରିଆସ ଡେଭଲପ୍ମେଣ୍ଟ କର୍ପୋ।ରେସନ)ପକ୍ଷରୁ ନିର୍ମା।ଣ କରାଯାଉ ଥିଲା ।ସେହିପରି ରୋଗୀ ଲକ୍ଷ୍ମୀକାନ୍ତ ରଥ କହିଛନ୍ତି ଯେ, ପୂର୍ବ ସରକାର ଅମଳରେ ଡାକ୍ତର ଖାନ। ର ଅବସ୍ଥା ଯାହା ଥିଲା ,ଏବେ ମଧ୍ୟ କୌଣସି ପରିବର୍ତ୍ତନ ହୋଇ ନାହିଁ ।ଆଦିବାସୀ ଅଧ୍ୟୁଷିତ ଯୋଡା ବ୍ଲକ୍ ରେ ଯକ୍ଷ୍ମା ଓ ଟିବି ରୋଗୀ ସଂଖ୍ୟା ବହୁ ସଂଖ୍ୟାରେ ଥିବା ବେଳେ ଯୋଡା ବ୍ଲକରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି ଏବଂ ଲୋକେ ରୋଗୀ ସେବାରୁ ବଞ୍ଚିତ ହୋଇ ଛନ୍ତି ।ଡିଏମ ଏଫ୍ ରୁ ଥିବା ଦୁଇ ଜଣ ଡାକ୍ତର ବର୍ତ୍ତମାନ ସେବା ନିବୃତ ଥିବା ବେଳେ ଏମାନଙ୍କ ସ୍ଥାନରେ ଡି ଏମ ଏଫ୍ ଜରିଆରେ ନୂତନ ଡାକ୍ତର ନିଯୁକ୍ତି ନ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଅପସାରଣ କରାଇ ନିଆ ଯାଇଥିବାରୁ ଡାକ୍ତର ସଂଖ୍ୟା ହ୍ରାସ ପାଇଲା ,ନିଅଣ୍ଟ ଡାକ୍ତର ଯୋଗୁଁ ରୋଗୀ ସେବା ବିପର୍ଯ୍ୟସ୍ତ ହେଲା ।ଖଣି ପ୍ରଭାବିତ ଅଞ୍ଚଳରେ ବିକାଶ ମୂଳକ ନକାର୍ଯ୍ୟରେ ଓମ୍ ବା।ଡ ସି ଓ ଡି ଏମ ଏଫ୍ ଜରିଆରେ ଟଙ୍କା ଖର୍ଚ୍ଚ ହେବାର ନିୟମ ଥିବା ବେଳେ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସୁବିଧାରୁ ମଧ ଅଞ୍ଚଳ ବାସୀ ଉପେକ୍ଷିତ ହେଉଛନ୍ତି ।

## ପ୍ରକଳ୍ପ ଅଧିକାର ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ତେଣ୍ଡାବାଡ଼ି ଗ୍ରାମ ପଂଚାୟତ ଅଧୀନ ଆଦିମ ଜନଜାତି ଲେମ୍ବୁଗୋଛା ଗ୍ରାମରେ ଅଧିକାର ମିତ୍ର ଉର୍ମିଳା ଯାନୀଙ୍କ ଆୟୋଜନ କ୍ରମେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନାରୀ ସମ୍ମିଳନୀ ଓ ସାଂସ୍କୃତିକ ମେଳା ଓ୍ୱାର୍ଡ ମେମ୍ବର ସୁକାନ୍ତି ଯାନୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହେଇଯାଇଛି । କନ୍ଧ ନୂଆସାହି, ଗୁଣ୍ଠାପାଜୁ ଓ ମଶାବାରୀ ଇତ୍ୟାଦି ଗ୍ରାମର ଶତାଧିକ ଗ୍ରାମୀଣ ଆଦିମ ମହିଳା ଏଥିରେ ଯୋଗଦାନ କରି ନାରୀ ସୁରକ୍ଷା,ନାରୀ ଅଧିକାର ଓ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ତେଣ୍ଡାବାଡ଼ି ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ରାଜେନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମହିଳା ମାନଙ୍କ ପାଇଁ ଥିବା ସରକାରୀ ଜନ ମଙ୍ଗଳ ଯୋଜନା ଓ ଗ୍ରାମ ପଞ୍ଚାୟତର ଭୂମିକା ବିଷୟରେ ଅବଗତ କରାଇଥିଲେ । ପ୍ରକଳ୍ପ ଅଧିକାର, ଦଶପଲ୍ଲାର ପରିଚାଳକ ପ୍ରଭାତ କୁମାର ସାହୁ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥାରେ ପଲ୍ଲୀ ସଭା, ଗ୍ରାମ ସଭା ଓ ଗ୍ରାମ୍ୟ ସ୍ତରୀୟ ବିକାଶ କ୍ଷେତ୍ରରେ ମହିଳା ମାନଙ୍କ ସକ୍ରିୟ ସହାଭାଗିତାକୁ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ । ବନ ସୁରକ୍ଷା ଓ ସଂରକ୍ଷଣ ତଥା ବୃକ୍ଷ୍ୟ ରୋପଣ ଇତ୍ୟାଦି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ମହିଳା ମାନଙ୍କୁ କହିବା ସହିତ ମହିଳା ମାନଙ୍କ ଶିକ୍ଷା ,ସ୍ୱାସ୍ଥ୍ୟ,ଖାଦ୍ୟ,ବାସଗୃହ,ରୋଜଗାର ଓ କର୍ମ ନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଅଧିକାର ମିତ୍ର ମାମିନୀ ନାୟକ, ବବିତା ନାୟକ, ସରୋଜିନୀ ମଳିକ, ଉର୍ମିଳା ଜାନୀ, ମନୋରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ସାହୁ ଓ ପ୍ରଦୀପ ସାହୁ ଇତ୍ୟାଦି ମହିଳା ମାନଙ୍କ ମଙ୍ଗଳ ପାଇଁ ଥିବା ସରକାରୀ ଜନ ମଙ୍ଗଳ ଯୋଜନା ଓ ପ୍ରକଳ୍ପ ଅଧିକାର ମାଧ୍ୟମରେ ଗରିବ ବଞ୍ଚିତ ମହିଳା ମାନେ ପାଇଥିବା ସଫଳତା ତଥା ଉପକାରିତା ବିଷୟରେ ସବିଶେଷ ଅବଗତ କରିଥିଲେ । ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଗୀତ ମାଧ୍ୟମରେ ନାରୀ ଅଧିକାର ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହିତ ସରକାରୀ ଯୋଜନାର ସୁଫଳ କିପରି ମହିଳାଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ମନୋରମା କହଁର ଓ ଉପାସୀ କଆଁରଙ୍କ ନେତୃତ୍ୱରେ ଗ୍ରାମ୍ୟ ନାରୀ ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା କରି ଗ୍ରାମ୍ୟ ସ୍ତରୀୟ ନାରୀ ସଂଗଠନକୁ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ଅଧିକାର ମିତ୍ର ପ୍ରତିମା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତୋୟାପୁଟ ଶେଡ଼ ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳା ଲୋକ ବିକାଶ ମଞ୍ଚ ଏବଂ ଲୋକ ବିକାଶ ମଞ୍ଚ କୋରାପୁଟ (ଲୋକ ସଂଗଠନ) ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ସାମାଜିକ ଉନ୍ନତି ଓ ସମାନତା ଅଧିକାର ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସେହିପରି ଅଧିବାସୀ ସମାଜର ପାରମ୍ପରିକ ସାଙ୍ଗିତିକ ଓ ସାଂସ୍କୃତିକ ପରମ୍ପରାକୁ ଆଗକୁ ନେବା ପାଇଁ ବିଭିନ୍ନ ସାଙ୍ଗିତିକ ଓ ସଂସ୍କୃତିକ ପ୍ରଦର୍ଶନ ମଧ ହୋଇଥିଲା, ଯାହା ଉପସ୍ଥିତ ମହିଳାମାନଙ୍କ ମନକୁ ଆନନ୍ଦିତ କରିଥିଲା ।

## ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ




ପାରାଦୀପ, (ମହାଭାରତ) : ପାରାଦୀପ ସହରାଂଚଳରେ ମହିଳାମାନଙ୍କ ସୁରକ୍ଷା, ସ୍ୱାର୍ଥ ଓ ସମ୍ମାନ ପାଇଁ କାର୍ଯ୍ୟ କରୁଥିବା ଅଗ୍ରଣୀ ମହିଳା ସଙ୍ଗଠନ ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ରବିବାର ଦିନ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସମ୍ବର୍ଦ୍ଧନା ଓ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ମହିଳା କଲ୍ୟାଣ ଟ୍ରଷ୍ଟ ସଭାନେତ୍ରୀ ଉର୍ମିଳା ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସର୍ବଜୟା ଭାରତୀ, ମୁଖ୍ୟବକ୍ତା ଭାବେ ଡ.ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ସ୍ନେହମୟୀ ଆଚାର୍ଯ୍ୟ, ଚିନ୍ମୟୀ ମହାରଣା, ପ୍ରୀତି ଆରତୀ ପରିଡା, ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ସୁରଜ ବେହେରା ଯୋଗ ଦେଇଥିଲେ । ମହିଳାମାନେ ସମାଜର ମୂଳ ଅଙ୍ଗ । ମହିଳାମାନଙ୍କୁ ସାମାଜିକସ୍ତରରେ ସମ୍ମାନ ମିଳିବା, ମହିଳା ନିର୍ଯାତନା ରୋକିବା, ପୁରୁଷମାନଙ୍କ ଭଳି ମହିଳାମାନଙ୍କୁ ସମାଜରେ ଗୁରୁତ୍ୱ ଦେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସମାଜରେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସାମାଜିକ ସଙ୍ଗଠନକୁ ଟ୍ରଷ୍ଟ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ଶିକ୍ଷା, କ୍ରୀଡା, ସମାଜସେବା,କଳା ଆଦି କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଉପଦେଷ୍ଟା ପ୍ରଶାନ୍ତ ରାଉତ । ମଂଚ ପରିଚାଳନା କରିଥିଲେ ସଂଘମିତ୍ରା ସ୍ୱାଇଁ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ନିଳିମା ପ୍ରିୟଦର୍ଶୀନୀ । ପାରାଦୀପ ସହରର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଗରୀବ, ଅସହାୟ ମହିଳାମାନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟା ସୁଚିତ୍ରା ପଣ୍ଡା, ବାସନ୍ତି ମୁଦୁଲି, ସାବିତ୍ରୀ ପଣ୍ଡା, ବିଜୟଲକ୍ଷ୍ମୀ ପରିଜା, ପ୍ରେମଲତା ବାରିକ, ପୁଷ୍ପାଂଜଳି ମିଶ୍ର, ଲିପିକା ସାହୁ, ଅନ୍ନପୂର୍ଣ୍ଣା ନାୟକ, ନମିତା ରାଉତ, ବାସୁକା ମଲ୍ଲିକ, ସରସ୍ୱତୀ ବାରିକ, କଳ୍ପନା ବେହେରା, ଟୁନି ଖୋଜି ପ୍ରମୁଖ ଏହି ସମାବେଶକୁ ପରିଚାଳନା କରିଥିଲେ ।

## ମହିଳା ଇନ୍ସପେକ୍ଟର ପାଳିଲେ ମହିଳା ଦିବସ



ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ଏମଭି ୭୯ ପୋଲିସ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ କରାଯିବା ସହ ଆମ ପୋଲିସ ବୈଠକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି । ଏହି ପରିପେକ୍ଷିରେ ଏମଭି ୭୯ ଥାନା ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠତି କରାଯାଇ ବିଶ୍ୱ ମହିଳା ଦିବସ ପାଳନ ଓ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଅଛି । ମହିଳାଙ୍କ ସୁରକ୍ଷା, ସଶକ୍ତିକରଣ ଓ ସମାଜରେ ଲିଙ୍ଗଗତ ବିବିଧତା ଦୁରୀକରଣ କରି ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ପ୍ରଦାନ କରିବା ନେଇ ଏହି ବୈଠକରେ ଆଲୋଚନା କରାଯାଇଅଛି । ଏହି କାର୍ଯ୍ୟକ୍ରମ ଏମଭି ୭୯ ଥାନା ଅଧିକାରୀ ପୂର୍ଣ୍ଣିମା ଟେଟେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଥାନାର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସମେତ ସ୍ଥାନୀୟ ଅଞ୍ଚଳର ଶିମିଳିବଞ୍ଚା ସମିତି ସଭ୍ୟ ଚନ୍ଦ୍ର ପଡ଼ିଆମୀ, ୬୦ ରୁ ଅଧିକ ଲୋକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ନେଇ ଆମ ପୋଲିସ କାର୍ଯ୍ୟକ୍ରମ ଜରିଆରେ ଆଲୋଚନା କରାଯାଇଥିଲା ।

# ଚାଟିକଣା ଶିଶୁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ପୁତୁରାକୁ ଗଳାକାଟି ହତ୍ୟା କରିଥିଲା ପାପୀ ଦାଦା, ଅଭିଯୁକ୍ତ ଗିରଫ




ବିଷମକଟକ, (ମହାଭାରତ) : ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ଗ୍ରାମରେ ଘଟିଥିବା ୭ ବର୍ଷର ଶିଶୁ ରିଷି ଗନ୍ତାୟତ ହତ୍ୟା ମାମଲାର ରହସ୍ୟ ଉନ୍ମୋଚନ କରିଛି ରାୟଗଡ଼ା ପୋଲିସ । ମାତ୍ର କିଛି ଦିନର ବ୍ୟବଧାନରେ ପୋଲିସ ଏହି ସମ୍ବେଦନଶୀଳ ଘଟଣାର ପର୍ଦ୍ଦାଫାଶ କରି ଅଭିଯୁକ୍ତ ଦାଦା ଚନ୍ଦନ ଗନ୍ତାୟତ ଓରଫ୍ ବିପିନ (୨୭)କୁ ଗିରଫ କରିଛି । ଅନଲାଇନ୍ ଗେମ୍ ନିଶା ଓ ପାରିବାରିକ କଳହରୁ ପ୍ରତିଶୋଧ ନେବାକୁ ଯାଇ ଚନ୍ଦନ ନିଜ ପୁତୁରାକୁ ନିର୍ମମ ଭାବେ ହତ୍ୟା କରିଥିବା ଏସପି ସ୍ୱାତୀ ଏସ୍. କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଚନ୍ଦନ ଗନ୍ତାୟତ ଅତ୍ୟଧିକ ଅନଲାଇନ୍ ଗେମ୍ ଖେଳିବା ଯୋଗୁଁ ଆର୍ଥିକ ସଙ୍କଟରେ ଥିଲା । ସେ ନିଜ ମା'ଙ୍କ ଅଗୋଚରରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରିଥିବା ନେଇ ପରିବାରରେ ବିବାଦ ଲାଗିରହିଥିଲା । ଗତ ୬ ତାରିଖ ଦିନ ଚାଟିକଣା ୟୁଜିବି ବ୍ୟାଙ୍କ ନିକଟରେ ଏହି କଥାକୁ ନେଇ ବଡ଼ ଭାଇ ପୁରୁଷୋତ୍ତମ ଓ ପରିବାର ସଦସ୍ୟମାନେ ଚନ୍ଦନକୁ ସର୍ବସମ୍ମୁଖରେ ଭର୍ତ୍ସନା କରିଥିଲେ । ଏହି ଅପମାନ ସହି ନପାରି ଚନ୍ଦନ ନିଜ ଭାଇ ଉପରେ ପ୍ରତିଶୋଧ ନେବା ପାଇଁ ତାଙ୍କ ନିଷ୍ପାପ ପୁଅକୁ ମାରିବାକୁ ଯୋଜନା କରିଥିଲା । ହତ୍ୟାକାଣ୍ଡର ୩ ଦିନ ପୂର୍ବରୁ ଚନ୍ଦନ ବଜାରରୁ ଦୁଇଟି ଧାରୁଆ ଛୁରୀ କିଣି ରଖିଥିଲା । ୬ ତାରିଖ ସନ୍ଧ୍ୟାରେ 'ମିଶ୍ରଣ' (ଖାଦ୍ୟ) କିଣିବା ବାହାନାରେ ସେ ରିଷିକୁ ବଜାରକୁ ନେଇଥିଲା । ସେଠାରୁ ଫେରିବା ବେଳେ ଏକ ନିର୍ମାଣାଧୀନ ଘରେ କ୍ରିକେଟ୍ ବ୍ୟାଟ୍ ଓ ବଲ୍ ଅଛି କହି ପିଲାଟିକୁ ଭିତରକୁ ନେଇ ସେଠାରେ ତାର ଗଳା କାଟି ହତ୍ୟା କରିଥିଲା । ପ୍ରମାଣ ନଷ୍ଟ କରିବା ପାଇଁ ଶବକୁ ଏକ ଚାଉଳ ବସ୍ତାରେ ଭର୍ତ୍ତି କରିଦେଇଥିଲା । କେବଳ ସେତିକି ନୁହେଁ, ପୋଲିସକୁ ବିଭ୍ରାନ୍ତ କରିବା ପାଇଁ ସେ ନିଜେ ପରିବାର ଲୋକଙ୍କୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ମେସେଜ୍ ପଠାଇ ଏହାକୁ ଏକ 'ଅପହରଣ'ର ରୂପ ଦେବାକୁ ଚେଷ୍ଟା କରିଥିଲା । ବୈଜ୍ଞାନିକ ପ୍ରମାଣ ଓ ଜେରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ପରେ ପୋଲିସ ତାକୁ ଗିରଫ କରିଛି । ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଛୁରୀ, ରକ୍ତଭିଜା ପୋଷାକ ଓ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ପ୍ରେସମିଟ୍‌ରେ ଏସପିଙ୍କ ସହ ଅତିରିକ୍ତ ଏସପି ଅମୂଲ୍ୟ ଧର, ଏସଡିପିଓ ସନ୍ତୋଷିନୀ ଓରାମ ଏବଂ ବିଷମକଟକ ଥାନା ଅଧିକାରୀ ସମର୍ପିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋର ଗୁଜବ: ବନ୍ଧା ହୋଇ ଜେଲଗଲେ ୬ ଗ୍ରାମବାସୀ

କପ୍ତିପଦା, (ମହାଭାରତ) : ବାହାର ରାଜ୍ୟରୁ ଆସି ବୋରିଂ ମିସ୍ତ୍ରୀ ଭାବେ କାମ କରୁଥିବା ଯୁବକଙ୍କୁ ଚୋର କହି ଗୁଜବ ପ୍ରଚାର କରିବା ସହିତ ନିର୍ଘାତ ମାଡ଼ ମାରି କରିଥିଲେ ଲହୁଲୁହାଣ । ଆଉ ଗୁଜବ ସୃଷ୍ଟି କରିବା ସହିତ ସୋସିଆଲ ମିଡିଆରେ ଭାଇରଲ କରିଲେ ଭିଡିଓ । ଯାହାକୁ ନେଇ ଆକ୍ସନ ମୋଡ଼ କୁ ଆସିଲା ପୋଲିସ । ୬ ଜଣ ଗ୍ରାମବାସୀ ଙ୍କୁ ଗିରଫ କରିଛି ପୋଲିସ । ଗତ ୪ ତାରିଖ ବୁଧବାର ହୋଲି ଦିନ ସନ୍ଧ୍ୟା ସାଢେ ୮ ଟା ସମୟରେ ଜଣେ ଚୋର ମହିଳାଙ୍କୁ ଛୁରୀ ଦେଖାଇ ଲୁଟିବାର ଉଦ୍ୟମ କରୁଥିବା କହି କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ଜଣେ ଯୁବକଙ୍କୁ ନିର୍ଘାତ ମାଡ଼ ମରାଯାଇଥିଲା । ତା ସହିତ ଅନ୍ୟ ଦୁଇ ଜଣ ଚୋର ଖସି ଯାଇଥିବା କୁହାଯାଇଥିଲା । ଚୋର ଭାବି ଅତି ଅମାନୁଷିକ ଭାବେ କପ୍ତିପଦାର ଅଜିତ ରାଉଳଙ୍କ ନିକଟରେ ରହି ବୋରିଂ ମିସ୍ତ୍ରୀ ଭାବେ କାମ କରୁଥି ଶୁକରାମ ବରିଆ କୁ ଠେଙ୍ଗା ବାଡ଼ିରେ ନିର୍ଘାତ ମାଡ଼ ମାରିଥିଲେ । ଯେତେବେଳେ କି ଶୁକରାମ ଏବଂ ତାଙ୍କର ଅନ୍ୟ ଦୁଇ ସହକର୍ମୀ ଝିଙ୍କପଦା ଛକ କୁ ମିଠା କିଣିବା ନିମନ୍ତେ ଯାଇଥିଲେ ।

## ସବେରୀ ଗ୍ରାମରେ ରାସ୍ତା ଓ ପାନୀୟ ଜଳ ସମସ୍ୟା

### ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ଅନ୍ତର୍ଗତ ସବେରୀ ଗ୍ରାମରେ ଦୀର୍ଘଦିନ ଧରି ରାସ୍ତା ଓ ପାନୀୟ ଜଳ ସମସ୍ୟା ଦେଖାଦେଇଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।ସୂଚନା ଅନୁସାରେ, ପଞ୍ଚାୟତ କାର୍ଯ୍ୟାଳୟଠାରୁ ସବେରୀ ଗ୍ରାମର ଦୂରତା ପ୍ରାୟ ଏକ କିଲୋମିଟର ହେଲେ ମଧ୍ୟ ଗାଁକୁ ଯିବା ପାଇଁ ସୁବିଧାଜନକ ରାସ୍ତା ନାହିଁ। ଗାଁରେ ପ୍ରାୟ ୨୦ଟି ପରିବାର ବସବାସ କରୁଥିବା ସ□ଭବର୍ଷାଧିକ ଦିନ ଧରି ଗ୍ରାମବାସୀମାନେ ଖାଲଖମା ଓ ଦୁର୍ଗମ ରାସ୍ତା ଦ୍ୱାରା ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏହି କାରଣରୁ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ସେବା ମଧ୍ୟ ଗ୍ରାମକୁ ପହଞ୍ଚି ପାରୁନଥିବାରୁ ଗ୍ରାମବାସୀମାନେ ଚିନ୍ତାରେ ପଡୁଛନ୍ତି ।ଏହାସହିତ ଗ୍ରାମରେ ଥିବା ପୁରୁଣା ପୋଲଟି ବହୁ ବର୍ଷ ଧରି ଭାଙ୍ଗି ପଡ଼ିଥିବାରୁ ଯାତାୟାତ ବ୍ୟବସ୍ଥା ଆହୁରି ଦୁର୍ହଦ ହୋଇପଡ଼ିଛି। ପୋଲଟି ନବର୍ନିମାଣ ପାଇଁ ଗ୍ରାମବାସୀମାନେ ବାରମ୍ବାର ଦାବି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି



ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି ।ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ୍ୟ ଗୁରୁତର ରୂପ ନେଇଛ। ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଗ୍ରାମବାସୀମାନେ ନାଳ ପାଣି ଉପରେ ର୍ନିଭର କରି ଦୈନିକ ଜୀବନ ଯାପନ କରୁଛନ୍ତି। ଏହିପରି ପରିସ୍ଥିତି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଚିନ୍ତାଜନକ ହୋଇପଡ଼ିଛି ।ଏହି ପରିପ୍ରେକ୍ଷୀରେ ସବେରୀ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ଓ ସମ୍ବନ୍ଧିତ ବିଭାଗକୁ ଅନୁରୋଧ କରି ଯଥାଶୀଘ୍ର ରାସ୍ତା ର୍ନିମାଣ, ପୋଲ ପୁନର୍ନିମାଣ ଓ ପାନୀୟ ଜଳ ସୁବିଧା ଯୋଗାଇଦେବା ପାଇଁ ଶମ୍ଭୁ ବିନ୍ଧାଣି, ଶୁକଦେବ କହଁର, ବିଷ୍ଣମ ବିନ୍ଧାଣି, ମିତ କହଁର, ରଦିନା କହଁର, ଚରଣ ବିନ୍ଧାଣି, ଲକିନ୍ଦ୍ର କହଁର, ରମେଶ କହଁର, ବ୍ରହ୍ମା କହଁର, ରାଜିବ କହଁର ଦାବି କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା



କୃଷ୍ଣପ୍ରସାଦ(ମହାଭାରତ):ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଁଣ୍ଡି ପଞ୍ଚାୟତ ଓରା ଠାରେ ଅବସ୍ଥିତ ଥିବା ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ତରେଇ ଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛ ।ଏହି ଅବସରରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଅତିଥି ମାନଙ୍କୁ ପାଛୋଟି ନେଇ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଓ କମ ବିଆରସିସି ସିଦ୍ଧେଶ୍ୱର କରଣ ରାଜ୍ୟ ବିଜେପି କୋଡିନେଟର ଦୁସ୍ମନ୍ତ କୁମାର ନାୟକ , ସିଆଁଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ମୁଖ୍ୟ ବକ୍ତା ଭାବେ ଓସ୍ଥା ସଭାପତି କାସିନାଥ ଜେନା ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋଚିରାମ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିପ୍ରବର ତରେଇ ନାରାୟଣ ବିଦ୍ୟାପିଠ ପ୍ରଧାନ ଶିକ୍ଷକ ପ୍ରବିର କୁମାର ଜେନା ପୁରୀ ପୋଲିସ ସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଜେନା ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ଅବସିଷ୍ଟ ଜିବନ ଖୁସିରେ ଅତିବାହିତ ହେବାକୁ ପ୍ରାର୍ଥନା କରିଥିଲେ । ସହକାରୀ ଶିକ୍ଷକ ପ୍ରଭାତ ବାରିକି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରୁଥିଲା ବେଳେ ସହକାରୀ ଶିକ୍ଷକ ବିଚିତ୍ରା ନନ୍ଦ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ। ମୋ ସ୍କୁଲ ପରିଚାଳନା କମିଟି ସଭାପତି ଅଧାପକ ମଧୁସୂଦନ ସାହୁ ମୋ ସ୍କୁଲ ଉପଦେଷ୍ଟା ସଭ୍ୟ ରମେଶ ଚନ୍ଦ୍ର ତରେଇ ପ୍ରବଚକ ବାବୁଲା ନାୟକ, ନଗେନ୍ଦ୍ର କୁମାର ଜଗଦେବ ନାୟକ ସମିତି ସଭ୍ୟ ଲଳିତ କୁମାର ତରେଇ ପ୍ରମୁଖ ସହଯୋଗ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ସହିତ ଉତ୍ତରୀୟ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାପରେ ଡିଜେ ବଜାଇ ଓରା ଏବଂ ତାଙ୍କର ଜନ୍ମ ମାଟି ସିଆଁଣ୍ଡି ସହିତ ଆଖପାଖ ଗାଁ ପରିକ୍ରମା କରାଇ ତାଙ୍କୁ ତାଙ୍କ ନିଜ ବାସଭବନରେ ଛାଡ଼ି ଦିଆଯାଇଥିଲା। ସହକାରୀ ଶିକ୍ଷକ ପ୍ରସନ୍ତ ଜିତ ଜେନା, ଅଜିତ କୁମାର ବାରିକୀ, ନବକିଶୋର ବାରିକୀ, ମାଖନ ସାହୁ, ସୁଭସ୍ମିତା ନାୟକ , ରାନୁ ତରେଇ ପିଙ୍କି ପଲେଇ ଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାହାଡ଼ାଝୋଲା ହାଇସ୍କୁଲ ପୁରାତନ ଛାତ୍ର ସଂସଦର ୬୧ତମ ବାର୍ଷିକ ଉତ୍ସବ



ନୂଆଗାଁ (ମହାଭାରତ ) : ବାହାଡ଼ାଝୋଲା ହାଇସ୍କୁଲ ପୁରାତନ ଛାତ୍ର ସଂସଦର ୬୧ତମ ବାର୍ଷିକ ଉତ୍ସବ ଆଜି ନୂଆଗାଁ ବ୍ଲକ ବାହାଡ଼ାଝୋଲା ହାଇସ୍କୁଲ ପ୍ରାଙ୍ଗଣରେ ସଂଘର ସ୍ଥାୟୀ ସଭାପତି ଡ଼. ସୁଶୀଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକବୃନ୍ଦ ଯୋଗଦେଇଥିଲେ ।ସଭାର ଆରମ୍ଭରେ ବୃନ୍ଦଗାନ ମଧ୍ୟରେ ଡ଼. ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀ ରାଜେନ୍ଦ୍ର କୁମାର ସେନାପତି ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଶ୍ରୀ ମନୋଜ କୁମାର ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ ।ପୁରାତନ ଛାତ୍ରୀ ଶ୍ରୀମତୀ ଅମୁଲ୍ୟ ବାଳା ପଟ୍ଟନାୟକ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ତାଙ୍କର ସ୍ୱରଚିତ କବିତା ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ଏବଂ ତାଙ୍କ ରଚିତ ପୁସ୍ତକମାନଙ୍କୁ ମଧ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ବିଦ୍ୟାଳୟର ଶିକ୍ଷକମାନେ ଓ କିଛି ପୁରାତନ ଛାତ୍ରଛାତ୍ରୀ ଭଜନ ପରିବେଷଣ କରି ପରିବେଶକୁ ଭକ୍ତିମୟ କରିଥିଲେ ।ଏହି ଅବସରରେ ୧୯୬୬ ଓ ୧୯୬୭ ମସିହାରେ ମାଟ୍ରିକ ପାସ କରିଥିବା ପୁରାତନ ଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଓ ଉ□ରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସୁରେଶ ସାହୁ ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟର ବିଭିନ୍ନ ସୁବିଧା ଓ ସମସ୍ୟା ସମ୍ପର୍କରେ ଦୃଷ୍ଟିଆକର୍ଷଣ କରିଥିଲେ ।ଏହାସହ ଶ୍ରୀ ରାଜେନ୍ଦ୍ର ସେନାପତି, ଶ୍ରୀ ମୀନକେତନ ସୁବୁଦ୍ଧି ଓ ଶ୍ରୀ ନାରାୟଣ ବେହେରା ପ୍ରମୁଖ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ। ସରକାରୀ ପ୍ରୋତ୍ସାହନ ରାଶି ଆଣିବା ପାଇଁ ପୁରାତନ ଛାତ୍ର ସଂସଦର ଦୁଇଜଣ ସଦସ୍ୟ ଓ ପ୍ରଧାନ ଶିକ୍ଷକଙ୍କୁ ନେଇ ଏକ ସବ୍-କମିଟି ଗଠନ କରିବାକୁ ମତ ପ୍ରକାଶ ପାଇଥିଲା ।ଏହା ବ୍ୟତୀତ ଛାତ୍ରମାନଙ୍କ ସନ୍ଦେହ ଦୂର କରିବା ପାଇଁ ବିଶେଷ ଟ୍ୟୁଟୋରିଆଲ୍ କ୍ଲାସ୍ ଆୟୋଜନ କରିବା ପ୍ରସ୍ତାବ ମଧ୍ୟ ରଖାଯାଇଥିଲା।ସର୍ବପରି ବିଦ୍ୟାଳୟରେ ଆକାଙ୍କ୍ଷିତ ଗୋଲ୍ଡେନ୍ ଜୁବିଲି ହଲ୍ ର୍ନିମାଣ ପାଇଁ ପୁରାତନ ଛାତ୍ରମାନଙ୍କ ତରଫରୁ ସ୍ୱତଃସ୍ଫୂର୍ତ୍ତ ଅର୍ଥଦାନ କରିବାକୁ ସହମତି ପ୍ରକାଶ ପାଇଥିଲା ।ପୁରାତନ ଛାତ୍ର ସଂସଦ ତରଫରୁ ୨୦୨୫ ମସିହାର ଦଶମ ବୋର୍ଡ ପରୀକ୍ଷାରେ ସବୁବିଷୟରେ ସର୍ବାଧିକ ନମ୍ବର, ବିଜ୍ଞାନ ଓ ଇଂରାଜୀ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ସୁଶୀଲ କୁମାର ସାହୁଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ଏହା ସହ ଗଣିତ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ରାଜେନ୍ଦ୍ର କୁମାର ସାହୁଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା ।ଶେଷରେ ସାଂଗଠନିକ ସମ୍ପାଦକ ଶ୍ରୀ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ପ୍ରସ୍ତାବ ରଖି ଆଗାମୀ ଦିନରେ ଅଧିକ ସଦସ୍ୟଙ୍କୁ ସଂଯୁକ୍ତ କରି ସଂଘର କାର୍ଯ୍ୟକଳାପକୁ ଆହୁରି ବିସ୍ତାର କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ, ଶିକ୍ଷକବୃନ୍ଦ ଓ ସାମ୍ବାଦିକ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇ ସଭାର ସମାପନ କରାଯାଇଥିଲା।

## ଆମ୍ବେଦକର ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ



ହିନ୍ଦୋଳ(ମହାଭାରତ)ଆମ୍ବେଦକର ଡେଭଲପମେଣ୍ଟ ଆସୋସିଏସନ୍ ହିନ୍ଦୋଳ (ଏ ଡି ଏ) ଆନୁକୁଲ୍ୟରେ ବିଶ୍ ମହିଳା ଦିବସ ହରିହାଟ ପଡ଼ିଆ ,ହିନ୍ଦୋଳ ଠାରେ ପାଳିତ ହୋଇଯାଇଛି। ସଂଗଠନର ଉପ ସଭାପତି ଶ୍ରୀ ପଦ୍ମଚରଣ ନାଏକଙ୍କ ଆହ୍ୱାନ କ୍ରମେ ଧିମତି କଳାବତୀ ନାଏକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ଉଦ୍ଘାଟକ ଭାବରେ ଧିମତୀ ସୁମତୀ ନାଏକ, ସାମାଜିକ କର୍ମୀ, ହିନ୍ଦୋଳ, ସମ୍ମାନିତ ଅତିଥି ଭାବେ ଧିମତୀ ସସ୍ମିତା ବେହେରା, ଅଧକ୍ଷା,ପିସିସି ଉପ ସଭାପତି ଓଡ଼ିଶା,ଧିମତୀ ସବିତା ରାଣୀ ଧିର, ଅନୁଗୋଳ, ଗୋବର୍ଦ୍ଧନ ଶେଖର ନାଏକ,ଧୃବ ଚରଣ ବିଶ୍ୱାଳ, ବିଶିଷ୍ଟ ପାଲା ଗାୟକ ,ଆକୁଳ ଗୋଛୟତ,ଉପ ସଭାପତି ହାଡିକୂଳ ସମାଜ ହିନ୍ଦୋଳ, ନରୋତ୍ତମ ନାଏକ,ଶିକ୍ଷକ,ସୀମା ନାଏକ, ସାମାଜିକ କର୍ମୀ , ଚନ୍ଦନ ନାଏକ, ସାମାଜିକ କର୍ମୀ, ଓ ମୁଖ୍ୟ ବକ୍ତା ଭାବରେ ଆଡ୍ଭୋକେଟ୍ ଶ୍ରୀ ଚିତ୍ରସେନ ନାଏକ ଯୋଗଦାନ କରିଥିଲେ ।ଧୀମତୀ ସୁନିତା ଗୋଛୟତ ମଞ୍ଚପରିଚାଳନା କରିଥିଲେ। ସଂଗଠନର ସହଯୋଗୀ ଭାବରେ ଅନନ୍ତ ନାଏକ,ସୁବାସ ନାଏକ, ରମେଶ ଚନ୍ଦ୍ର ନାଏକ, ବିଦେଶୀ ନାଏକ,ଶବର ନାଏକ,ମୁଳିଆ ନାଏକ ପ୍ରମୁଖ ଭୂମିକା ନେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ବିଶ୍ ମହିଳା ଦିବସ ଅବସରରେ ମହିଳା ମାନଙ୍କୁ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବାପାଇଁ ଗୁରୁତ୍ୱ ଆରୋପ କରାଯାଇଥିଲା। କେନ୍ଦ୍ର ସରକାର ମହିଳା ମାନଙ୍କୁ ୩୩%ଆରକ୍ଷଣ ବ୍ୟବସ୍ଥା କରିଛନ୍ତି ।ମାତ୍ର ଏହା ସମାଜର ମହିଳା ସଂଖ୍ୟା ୫୦% ହେତୁ ୫୦ଭାଗ ଆରକ୍ଷଣ ମିଳିବା କଥା।୩୩%ଦ୍ୱାରା ମହିଳା ମାନଙ୍କପ୍ରତି ଅବହେଳା ହେଉଛି ବୋଲି ଗ୍ରହଣ କରାଯିବ। ସଂଖ୍ୟା ଅନୁପାତରେ ଅଧିକାର ମିଳିବା ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ।ବିଶ୍ ମହିଳା ଦିବସ୧୯୧୦ ମସିହାରେ ମିଳିତ ଜାତିସଂଘ ଅନୁମୋଦନ କରିଥିଲେ, ସେବେଠାରୁ ବିଶ୍ୱରେ ଏହା ପାଳିତ ହୋଇଆସୁଛି। ମହିଳା ମାନଙ୍କୁ ସେମାନଙ୍କର ସାମାଜିକ ଅଧିକାର, ଶିକ୍ଷା ଅଧିକାର, ରାଜନୈତିକ ଅଧିକାର, ଧାର୍ମିକ ଅଧିକାର,ନ୍ୟାୟିକ ଅଧିକାର, ସ୍ୱାସ୍ଥ୍ୟ ଗତ ଅଧିକାର ପ୍ରତି ସଚେତନ କରିବା ପାଇଁ କାର୍ଯ୍ୟକ୍ରମ ଆହୋଜନ କରାଯିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂଗଠନ ତରଫରୁ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ମହିଳା ମାନଙ୍କୁ ଆଇନ୍ ଓ ସାମାଜିକ ଅଧିକାର ପାଇଁ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମ ଆହୋଜନ କରାଯିବାପାଇଁ ପ୍ରସ୍ତାବ ଆଗତ ହୋଇଥିଲା ପରିଶେଷରେ ପଦ୍ମଚରଣ ନାଏକ ସମସ୍ତ ସାଥୀମାନଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସମାପ୍ତ କରିଥିଲେ।

## ବୋରଗୁଡ଼ାରେ ଆନ୍ତର୍ଜାତିକ ମହିଳା ଦିବସ-୨୦୨୬ ପାଳିତ



ଜୁନାଗଡ଼ (ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୋରଗୁଡ଼ାରେ ଆନ୍ତର୍ଜାତିକ ବିଶ୍ୱ ମହିଳା ଦିବସ-୨୦୨୬ ପାଳିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ଅତିଥି ଭାବେ ସରପ□ ପ୍ରତିନିଧିଉଜ୍ଜଳ ବେମାଲ ଜବେମାଲ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହରେକୃଷ୍ଣ ମାଝୀ, ଏମ ବିକେ ପଦ୍ମିନୀ ଶବର, ଲୁଥାରାନ ୱାର୍ଲଡ଼ ସର୍ଭିସ ଇଣ୍ଡିଆ ଟ୍ରଷ୍ଟ ପକ୍ଷରୁ ପ୍ରକଳ୍ପ ସଂଯୋଜକ ଦୁଷ୍ମନ୍ତ ପାଟ୍ଟନାୟକ, କ୍ଷେତ୍ର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି, ସୁଧୀର ସାହୁ, ସାଗରିକା ରାଉତ, ରତୁପର୍ଣ୍ଣା ଠାକୁର, ପ୍ରମୁଖ ଉପସ୍ଥିତ ଥିଲେ ।ସେହିଭଳି ସୋରିସମାଲ କାର୍ଯ୍ୟକ୍ରମରେ ଫାମିଲି କୋର୍ଟ ଉପଦେଷ୍ଟା ଆଇନଯିବି ପ୍ରତିମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେସନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଉଭୟ କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ପୁରୁଷ ମହିଳା ସାମିଲ ହୋଇଥିଲେ।

## ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ




ପାରାଦୀପ(ମହାଭାରତ):ପାରାଦୀପ ବନ୍ଦର ପ୍ରାଧିକରଣର ସାମାଜିକ ସଙ୍ଗଠନ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ରବିବାର ଦିନ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ମହିଳାମାନଙ୍କ ଶିକ୍ଷିତ କରିବା, କନ୍ୟାରତ୍ନମାନଙ୍କୁ ଯୋଗ୍ୟ କରିବା ଆଦି ବିଷୟବସ୍ତୁକୁ ଗୁରୁତ୍ୱ ଦେଇ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ,ବନ୍ଦର ସଚୀବ ବାପୁ ରାଜୁ ଜି, ମୁଖ୍ୟ ଅର୍ଥ ପରାମର୍ଶଦାତା ଏ.କେ. ସାହୁଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବେ ସାକ୍ଷରତା ସମିତି ପରିଚାଳନା ସମିତିର ପୂର୍ବତନ ସଦସ୍ୟା ସ୍ୱର୍ଣ୍ଣ ମିଶ୍ର ଏବଂ ସବିତା ମିଶ୍ର ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସମିତିର ଉପାଧକ୍ଷ ଏ.କେ.ସାହୁ। କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥଲେ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର।

## ଘରେ ପଶିଗଲା ଆମ୍ବୁଲାନ୍ସ

ଦଶପଲ୍ଲା,(ମହାଭାରତ): ଦିନକୁ ଦିନ ବିପଦ ସଂକୁଳ ହୋଇପଡୁଛି ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ। ପ୍ରତିଦିନ ଘଟୁଛି ଦୁର୍ଘଟଣା ଏବଂ ଘଟୁଛି ଜୀବନ ହାନ। ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ପାର୍ଶ୍ୱରୁ ଏକ ଆମ୍ବୁଲାନ୍ସ ବୌଦ୍ଧ - ଫୁଲବାଣୀ ଅଭିମୁଖେ ଯାଉଥିବାବେଳେ ରାସ୍ତା କଡରେ ଥିବା ବାବୁଲା ଗନ୍ତାୟତର ଘର ମଧ୍ୟକୁ ପଶି ଯାଇଥିଲା। ଫଳରେ ବାବୁଲାଙ୍କ ବଡ଼ ଝିଅ ସାମାନ୍ୟ ଆହତ ହୋଇଥିବାବେଳେ ପୋଷା କୁକୁର ଟିର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଏକ ସାଇକେଲ ଓ କିଛି ଘରୋଇ ଉପକରଣ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ତେବେ ଦଶପଲ୍ଲା ବ୍ଲକର ବୁଗୁଡ଼ା ଓ ବୁଗୁଡ଼ା କଲୋନୀ ମଧ୍ୟରେ ଜାତୀୟ ରାଜପଥଟି ସମ୍ପୂର୍ଣ୍ଣ ସିଧା ଥିବାବେଳେ ଏହି ରାସ୍ତାରେ କୌଣସି ସ୍ପିଡ଼ ବ୍ରେକର ନଥିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି।

## ଆନନ୍ଦେଶ୍ୱର ଅପେରା କମିଟି ପକ୍ଷରୁ ବନ୍ଧୁ ମିଳନ



ପାଟଣା: କେନ୍ଦୁଝର ଜିଲ୍ଲା ପାଟଣା ଆନନ୍ଦେଶ୍ୱର ଅପେରା କମିଟି ପକ୍ଷରୁ ଆଜି ରବିବାର ଦିନ ପାଟଣା ବୈତରଣୀ ନଦୀ କୂଳରେ କମିଟିର ସମସ୍ତ ସଦସ୍ୟ କୁ ନେଇ ଏକ ବନ୍ଧୁ ମିଳନ ହୋଇଛି। ଆନନ୍ଦେଶ୍ୱର ଅପେରା କମିଟି ତରଫରୁ ଆଗାମୀ ବର୍ଷ ୨୦୨୭ ପାଇଁ ପାଟଣା ଜାଗର ଯାତ୍ରାରେ ଅପେରା ପରିଚ୍ଚ ସହ ଚଳିତବର୍ଷ ଯାତ୍ରା କମିଟି ପକ୍ଷରୁ ସୁଦୃଢ଼ କରାଯିବ ଉପରେୟ ଆଲୋଚନା ହୋଇଛି। ଆନନ୍ଦେଶ୍ୱର କମିଟି ପାଇଁ ସଦସ୍ୟ ଙ୍କ ମଧ୍ୟରେ ସଭାପତି ଭାବେ ଦିନବନ୍ଧୁ ମିଶ୍ର,ଉପସଭାପତି ଭାବେ ଅଭିଷେକ ଦାଶ,ସମ୍ପାଦକ ଭାବେ ଲିପକ କୁମାର ସାହୁ, ଅକ୍ଷୟ କୁମାର ସାହୁ କୋଷାଧକ୍ଷ ପ୍ରିତମ କୁମାର ପଣ୍ଡା ଶ୍ୱେତୀମୟ ମିଶ୍ର ପ୍ରିୟବ୍ରତ ମିଶ୍ର ପ୍ରକାଶ କୁମାର ଦାଶ ଉପଦେଷ୍ଟା ଭାବେ ବିବେକାନନ୍ଦ ଦାଶ, ଦକ୍ଷୀ ସାହୁ, ବୀରକିଶୋର ଦାଶ , ଚିନ୍ମୟୀ ଦାଶ ଅଜୟ କୁମାର ଦାସ, ତଫାନ୍ କୁମାର ସାହୁ ଚିନ୍ମୟୀ ବେହେରା ଆଲୋକ କୁମାର ସାହୁ, ବିକାଶ ଦାସ, ରମିୟ ରଞ୍ଜନ ମିଶ୍ର ,ସୌମ୍ୟ ରଞ୍ଜନ ଦାଶ ,ଆନନ୍ଦେଶ୍ୱର ଅପେରା କମିଟି ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ



ପାରାଦୀପ(ମହାଭାରତ):ପାରାଦୀପ ସହରାଂଚଳରେ ମହିଳାମାନଙ୍କ ସୁରକ୍ଷା, ସ୍ୱାର୍ଥ ଓ ସମ୍ମାନ ପାଇଁ କାର୍ଯ୍ୟ କରୁଥିବା ଅଗ୍ରଣୀ ମହିଳା ସଙ୍ଗଠନ ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ରବିବାର ଦିନ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସମ୍ବର୍ଦ୍ଧନା ଓ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ମହିଳା କଲ୍ୟାଣ ଟ୍ରଷ୍ଟ ସଭାନେତ୍ରୀ ଉର୍ମିଳା ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସର୍ବଜୟା ଭାରତୀ, ମୁଖ୍ୟବକ୍ତା ଭାବେ ଡ.ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ସ୍ନେହମୟୀ ଆଚାର୍ଯ୍ୟ, ଚିନ୍ମୟୀ ମହାରଣା, ପ୍ରୀତି ଆରତୀ ପରିଜା, ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା, ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ସୁରଜ ବେହେରା ଯୋଗ ଦେଇଥିଲେ। ମହିଳାମାନେ ସମାଜର ମୂଳ ଅଙ୍ଗ। ମହିଳାମାନଙ୍କୁ ସାମାଜିକସ୍ତରରେ ସମ୍ମାନ ମିଳିବା, ମହିଳା ନିର୍ଯାତନା ରୋକିବା, ପୁରୁଷମାନଙ୍କ ଭଳି ମହିଳାମାନଙ୍କୁ ସମାଜରେ ଗୁରୁତ୍ୱ ଦେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସମାଜରେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସାମାଜିକ ସଙ୍ଗଠନକୁ ଟ୍ରଷ୍ଟ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ଶିକ୍ଷା, କ୍ରୀଡ଼ା, ସମାଜସେବା,କଳା ଆଦି କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଉପଦେଷ୍ଟା ପ୍ରଶାନ୍ତ୍ ରାଉତ । ମଂଚ ପରିଚାଳନା କରିଥିଲେ ସଂଘମିତ୍ରା ସ୍ୱାଇଁ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ନିଳିମା ପ୍ରିୟଦର୍ଶୀନୀ । ପାରାଦୀପ ସହରର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଗରୀବ, ଅସହାୟ ମହିଳାମାନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟା ସୁଚିତ୍ରା ପଣ୍ଡା, ବାସ୍ତି ମୁଦୁଲି, ସାବିତ୍ରୀ ପଣ୍ଡା, ବିଜୟଲକ୍ଷ୍ମୀ ପରିଜା, ପ୍ରେମଲତା ବାରିକ, ପୁଷ୍ପାଂଜଳି ମିଶ୍ର, ଲିପିକା ସାହୁ, ଅନ୍ନପୂର୍ଣ୍ଣା ନାୟକ, ନମିତା ରାଉତ, ବାସୁକା ମଲ୍ଲିକ, ସରସ୍ୱତୀ ବାରିକ, କଳ୍ପନା ବେହେରା, ଟୁନି ଖୋଜି ପ୍ରମୁଖ ଏହି ସମାବେଶକୁ ପରିଚାଳନା କରିଥିଲେ।

## ଆଦିବାସୀ ମହୋତ୍ସବ-୨୦୨୬ ଅନୁଷ୍ଠିତ



ପାରାଦୀପ-(ମହାଭାରତ) ପାରାଦୀପ ଗଲ୍ଫ କୋର୍ସ ପରିସରରେ ଆଦିବାସୀ ମହୋତ୍ସବ-୨୦୨୬ ରବିବାର ଦିନ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବକୁ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ,ବନ୍ଦର ସଚୀବ ବାପୁ ରାଜୁ ଜି, ମୁଖ୍ୟ ଅର୍ଥ ପରାମର୍ଶଦାତା ଏ.କେ. ସାହୁ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିବାସୀ ସଂସ୍କୃତି, ପରମ୍ପରାକୁ ପାରଦୀପ ବନ୍ଦର ସବୁବେଳେ ଗୁରୁତ୍ୱ ଦେଇ ଆସିଛି । ପ୍ରତ୍ୟେକ ବର୍ଷ ଆଦିବାସୀ ଭାଇଭଉଣୀମାନଙ୍କ ମଧ୍ୟରେ ଏକତା, ପରମ୍ପରା ଓ ଭାଇଚାରା ବହାୟ ରଖିବା ପାଇଁ ଆଦିବାସୀ ମହୋତ୍ସବର ଆୟୋଜନ କରାଯାଇଥାଏ । ଚଳିତ ବର୍ଷ ଧନୁ ଶର ପ୍ରତିଯୋଗିତା,ଆଦିବାସୀ ନୃତ୍ୟ ଓ ମହିଳାମାନଙ୍କ ମଧ୍ୟରେ ହାଣ୍ଡିବାଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପାରାଦୀପ ଅଂଚଳରେ ଥିବା ଆଦିବାସୀ ଭାଇଭଉଣୀମାନେ ବହୁ ସଂଖ୍ୟାରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

## ଠପ୍ ହୋଇଯିବ ସଡ଼କ ନିର୍ମାଣ



ନୂଆଦିଲ୍ଲୀ: ତେଲ, ଏଲ୍‌ପିଜି ଓ ସାର ପରେ ଏବେ ବିଟୁମେନ୍ । ଦକ୍ଷିଣ ଏସିଆ ଯୁଦ୍ଧ ଭାରତର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷେତ୍ରକୁ ପ୍ରଭାବିତ କରିବା ଆଶଙ୍କା କରାଯାଉଛି । ବିଟୁମେନ୍ ହେଉଛି ସଡ଼କ ନିର୍ମାଣରେ ବ୍ୟବହାର ହେଉଥିବା ଗୁରୁତ୍ୱପୂର୍ଣ୍ଣ ଉପାଦାନ । ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ୧୦ ହଜାର କିଲୋମିଟର ନୂଆ ସଡ଼କ ତିଆରି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ଲକ୍ଷ୍ୟ ପ୍ରତି ସବୁଠୁ ବଡ଼ ବିପଦ ହେଉଛି ବିଟୁମେନ୍ ଅଭାବ । ଯୁଦ୍ଧ ପ୍ରଭାବରେ ଭାରତ ଆବଶ୍ୟକ ପରିମାଣର ବିଟୁମେନ ପାଇବ ନାହିଁ ବୋଲି ଆଶଙ୍କା କରାଯାଉଛି ।ତିନି ସରକାରୀ ତୈଳ କମ୍ପାନି ଭାରତୀୟ ତୈଳ ନିଗମ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଓ ଭାରତ ପେଟ୍ରୋଲିୟମଠାରୁ ଏନ୍‌ଏଚ୍‌ଏଆଇ ବିଟୁମେନ ସଂଗ୍ରହ କରିଥାଏ । ଭାରତର ବାର୍ଷିକ ବିଟୁମେନ ଆବଶ୍ୟକତା ହେଉଛି ୯ ନିୟୁତ ଟନ୍ । ଏହାର ଟନ୍ ପିଛା ମୂଲ୍ୟ ୪୦,୦୦୦-୬୦,୦୦୦ ଟଙ୍କା ମଧ୍ୟରେ ରହିଛି । ସଡ଼କ ନିର୍ମାଣ ପାଇଁ ବିଟୁମେନ ଯୋଗାଣ ଜାରି ରଖିବା ପାଇଁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଏଚ୍‌ଏଆଇ ଜରିଆରେ ତେ ?ଳ କମ୍ପାନିଗୁଡ଼ିକ ସହ ଆଲୋଚନା କରାଯାଇଛି । ଭାରତ ନିଜ ଆବଶ୍ୟକତାର ୩୫-୩୬ ପ୍ରତିଶତ ବିଟୁମେନ ଆମଦାନୀ କରିଥାଏ । ସେଗୁଡ଼ିକ ମୁଖ୍ୟତଃ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସିଥାଏ । ଇରାନ ସହ ଇସ୍ରାଏଲ ଓ ଆମେରିକା ଯୁଦ୍ଧ କରୁଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ଉପାଦାନର ଯୋଗାଣ ପ୍ରଭାବିତ ହେବା ଆଶଙ୍କା କରାଯାଉଛି ।ଗତ ଆର୍ଥିକ ବର୍ଷରେ ଦେଶରେ ୮.୩ ନିୟୁତ ଟନ୍ ବିଟୁମେନ ବ୍ୟବହାର ହୋଇଥିଲା । ସେଥିରୁ ଦେଶ ଭିତରେ ୫.୩ ନିୟୁତ ଟନ୍ ଉତ୍ପାଦନ କରାଯାଇଥିଲା ଓ ଅବଶିଷ୍ଟ ଆମଦାନୀ କରାଯାଇଥିଲା । ଭାରତ ଆମଦାନୀ କରୁଥିବା ୯୯ ପ୍ରତିଶତ ବିଟୁମେନ ଇରାକ, ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), ଇରାନ, ଓମାନ ଓ ବାହାରିନରୁ ଆସିଥାଏ । ଯଦି ଯୁଦ୍ଧ ଅଧିକ ଦିନ ଜାରି ରହିବ ତେବେ ସିଙ୍ଗାପୁର କିମ୍ବା ଅନ୍ୟ ଦକ୍ଷିଣ ଏସୀୟ ଦେଶଗୁଡ଼ିକରୁ ଭାରତ ବିଟୁମେନ ଆମଦାନୀ କରିପାରିବ । ରୁଷ, ପଶ୍ଚିମ ଆଫ୍ରିକା ଓ ଆମେରିକାରୁ ଅଶୋଧିତ ତେଲ ଆମଦାନୀର ସୁଯୋଗ ରହିଛି । ତେଣୁ ସେହି ସ୍ଥାନରୁ ବିଟୁମେନ ଆଣିବାରେ ଅସୁବିଧା ହେବନି । କିନ୍ତୁ ତାହା ଦେଶର ଆମଦାନୀ ବିଲ୍ ବଢ଼ାଇଦେବ । ସଡ଼କ ନିର୍ମାଣକାରୀମାନେ ସାଧାରଣତଃ ଗୋଟିଏ ଥରରେ ୨୦୦ ଟନ୍ ପର୍ଯ୍ୟନ୍ତ ବିଟୁମେନ ମଗାଇଥାନ୍ତି । ସେହି ବରାଦକୁ ତୈଳ କମ୍ପାନିଗୁଡ଼ିକ ୨-୩ ଦିନରେ ପୂରଣ କରନ୍ତି । ବିଟୁମେନ ହେଉଛି ଅଶୋଧିତ ତୈଳକୁ ବିଶୋଧନ କରିବା ସମୟରେ ବାହାରୁଥିବା ଏକ ଉପ-ଉତ୍ପାଦ । ପେଟ୍ରୋଲ ଓ ଡିଜେଲ ଉତ୍ପାଦନ ପରେ ତଳେ ରହିଯାଉଥିବା ଭାରୀ ଅବଶିଷ୍ଟାଂଶକୁ ବିଟୁମେନରେ ପରିଣତ କରାଯାଏ ।

## ଜେଡିୟୁରେ ସାମିଲ ହେଲେ ନିଶାନ୍ତ

ପାଟନା : ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ଜନତା ଦଳ ୟୁନାଇଟେଡ (ଜେଡିୟୁ)ରେ ଯୋଗ ଦେଇଛନ୍ତି । ବୈଠକ ସମୟରେ ସେ ଦଳୀୟ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ । ନିଶାନ୍ତ କୁମାର ତାଙ୍କ ପିତା ନୀତୀଶ କୁମାରଙ୍କ ରାଜ୍ୟ ସଭାରେ ପ୍ରବେଶ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ଏବଂ କହିଥିଲେ, 'ମୁଁ ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରୁଛି ।' ନିଶାନ୍ତ କହିଥିଲେ, 'ମୁଁ ଜଣେ ସକ୍ରିୟ ସଦସ୍ୟ ଭାବରେ ଦଳକୁ ଆଗକୁ ବଢାଇବା ପାଇଁ କାମ କରିବି । ମୋ ପିତା (ନୀତୀଶ କୁମାର) ଗତ ୨୦ ବର୍ଷ ଧରି କରିଥିବା କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ମୁଁ କାମ କରିବି । ମୁଁ ମୋ ପିତାଙ୍କ ଉପରେ ଗର୍ବିତ ।' ସେ ନୀତୀଶ କୁମାରଙ୍କ ପ୍ରତି ସେମାନଙ୍କର ବିଶ୍ୱାସ ଏବଂ ମନୋବଳ ବଜାୟ ରଖିବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ଏହି ପଦକ୍ଷେପ ବିହାରର ରାଜନୈତିକ ମହଲରେ ଆଲୋଚନା ଆରମ୍ଭ କରିଛି । ନିଶାନ୍ତ କୁମାରଙ୍କୁ ଦଳ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ କିମ୍ବା ପ୍ରମୁଖ ଦାୟିତ୍ୱ ଦିଆଯାଇପାରେ ବୋଲି ସମ୍ଭାବନା ରହିଛି । ଏହି ଘଟଣା ବିହାରର ରାଜନୀତିରେ ଏକ ନୂତନ ମୋଡ଼ ନେଇପାରେ, ଯାହା ଜେଡିୟୁ ମଧ୍ୟରେ ତାଙ୍କ ଭୂମିକାକୁ ମଜବୁତ କରିବ । ପ୍ରକୃତରେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସଭା ଯିବାକୁ ନିଷ୍ପତ୍ତି ନେଇଛନ୍ତି ।

## ସଫଳ ହେଲା ଜୟଶଙ୍କରଙ୍କ କୂଟନୀତି

ନୂଆଦିଲ୍ଲୀ : ରବିବାର ନବମ ଦିନ ପାଇଁ ଆମେରିକା ଏବଂ ଇସ୍ରାଏଲ ବିରୁଦ୍ଧରେ ଇରାନର ଯୁଦ୍ଧ ଜାରି ରହିଛି । ଉପସାଗରରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଦୁଇଟି ଭାରତୀୟ ମାଲବାହୀ ଜାହାଜ ହର୍ମୁଜ ପ୍ରଣାଳୀ ଦେଇ ଗତି କରୁଥିବା ଦେଖାଯାଇଛି । ସାମୁଦ୍ରିକ ଟ୍ରାକିଂ ତଥ୍ୟ ଅନୁଯାୟୀ, 'ପୁଷ୍ପକ' ଏବଂ 'ପରିମଳ' ନାମକ ଜାହାଜଗୁଡ଼ିକ ସମ୍ପ୍ରତି ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଦେଇ ଗତି କରିଥିଲେ । ଏହି ବିକାଶ ଏପରି ଏକ ସମୟରେ ହୋଇଛି ଯେତେବେଳେ ଏହି ଅଞ୍ଚଳରେ ସୁରକ୍ଷା ବିପଦ ବୃଦ୍ଧି ପାଇବା ହେତୁ ଅନେକ ବିଶ୍ୱ ପରିବହନ କମ୍ପାନୀ ଏହି ମାର୍ଗ ବ୍ୟବହାର କରିବାରେ ସତର୍କତା ଅବଲମ୍ବନ କରୁଛନ୍ତି । ହୋର୍ମୁଜ ପ୍ରଣାଳୀକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହା ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରେ ଏବଂ ବିଶ୍ୱ ତୈଳ ଯୋଗାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହା ଦେଇ ଗତି କରେ । ସାମୁଦ୍ରିକ ଟ୍ରାକିଂ ତଥ୍ୟ ଅନୁଯାୟୀ, ଭାରତୀୟ ଜାହାଜ, ପୁଷ୍ପକ ଏବଂ ପରିମଳ, ପ୍ରଣାଳୀ ଦେଇ ଦ୍ରୁତ ଗତିରେ ଗତି କରୁଥିବା ପରିଲକ୍ଷିତ ହୋଇଛି । ଏହି ଅଞ୍ଚଳରେ ବର୍ଦ୍ଧିତ ସୁରକ୍ଷା ବିପଦ ଯୋଗୁ, ଏହି ଜାହାଜଗୁଡ଼ିକର ଗତିବିଧି ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ବିଶେଷଜ୍ଞଙ୍କ ଉଦ୍ଧୃତିରେ ଅନେକ ରିପୋର୍ଟ ସୂଚିତ ହୋଇଛି ଯେ ଇରାନ ସଚନା ଦେଇଛି ଯେ ବର୍ତ୍ତମାନର ଉତ୍ତେଜନା ସମୟରେ ଭାରତୀୟ ପତାକା ଜାହାଜଗୁଡ଼ିକୁ ଟାର୍ଗେଟ କରାଯିବ ନାହିଁ । ଏହା ଭାରତ ଏବଂ ଇରାନ ମଧ୍ୟରେ ଚାଲିଥିବା କୂଟନୈତିକ ଯୋଗାଯୋଗର ପରିଣାମ ବୋଲି ବିଶ୍ୱାସ କରାଯାଉଛି । ଏହି ଘଟଣାକ୍ରମ ମଧ୍ୟରେ, ଭାରତ ଏବଂ ଇରାନ ମଧ୍ୟରେ ସମ୍ପ୍ରତି ଉଚ୍ଚସ୍ତରୀୟ ଆଲୋଚନା ମଧ୍ୟ ହୋଇଛି । ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଆରାଘଚି ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି ।

# ଇରାନ ଯୁଦ୍ଧକୁ ନେଇ ଭାରତର ବଡ଼ ନିଷ୍ପତ୍ତି, ବିଶ୍ୱରେ ଚହଲ !



ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ହର୍ମୁଜ ପ୍ରଣାଳୀକୁ ନେଇ ଚାଲିଥିବା ସଙ୍କଟ ମଧ୍ୟରେ, ଭାରତ ସରକାର ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭାରତୀୟ ନୌସେନାକୁ ନିୟୋଜିତ କରିବାକୁ ବିଚାର କରୁଛନ୍ତି । ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ଅନୁଯାୟୀ, ଏହି ବିଷୟରେ ନିଷ୍ପତ୍ତି ଆସନ୍ତା ଦୁଇ ଦିନ ମଧ୍ୟରେ ନିଆଯାଇପାରେ । ଯଦି ଏହି ନିଷ୍ପତ୍ତି ନିଆଯାଏ, ତେବେ ଭାରତୀୟ ନୌସେନା ଜାହାଜ ପାରସ୍ୟ ଉପସାଗରରେ ଫସି ରହିଥିବା ବାଣିଜ୍ୟ ଜାହାଜଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନେଇପାରିବ । ଜାହାଜ ଚଳାଚଳ ଶିଳ୍ପ ସୂତ୍ର ଅନୁଯାୟୀ, ପାରସ୍ୟ ଉପସାଗରରେ ଫସି ରହିଥିବା ପ୍ରାୟ ୧୦ ପ୍ରତିଶତ ତେଲ ଟ୍ୟାଙ୍କର ଏବଂ ଗ୍ୟାସ ବାହକ ଭାରତୀୟ ମାଲିକାନାରେ ଅଛନ୍ତି । ଏହି ଜାହାଜଗୁଡ଼ିକରେ ବିଶ୍ୱର ସବୁଠାରୁ ବଡ଼ ଜାହାଜ କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ, ସିପିଂ କର୍ପୋରେସନ ଅଫ ଇଣ୍ଡିଆ ଅନ୍ତର୍ଭୁକ୍ତ । ଲଏଡ୍ସ ଲିଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, କମ୍ପାନୀର ଫସି ରହିଥିବା ଜାହାଜଗୁଡ଼ିକର ମୋଟ କାର୍ଗୋ କ୍ଷମତା ୮୦୦,୦୦୦ ଟନ ରୁ ଅଧିକ, ଯାହା ପ୍ରାୟ ୬ ନିୟୁତ ବ୍ୟାରେଲ ତେଲ ସହିତ ସମାନ । ଆନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ ଆକଳନ କରିଛି ଯେ ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜଗୁଡ଼ିକରେ ବର୍ତ୍ତମାନ ପ୍ରାୟ ୨୦,୦୦୦ ନାବିକ ଅଛନ୍ତି । ଭାରତ ବିଶ୍ୱକୁ ନାବିକମାନଙ୍କର ଏକ ପ୍ରମୁଖ ଯୋଗାଣକାରୀ, ତେଣୁ ହଜାର ହଜାର ଭାରତୀୟ ନାବିକଙ୍କୁ ଏହି ପ୍ରୟାସରେ ସାମିଲ କରାଯିବାର ସମ୍ଭାବନା ଅଛି । ଭାରତୀୟ ନୌସେନା ପୂର୍ବରୁ ବାଣିଜ୍ୟ ଜାହାଜକୁ ସୁରକ୍ଷା ଦେବା ପାଇଁ ଅନେକ ବଡ଼ ଅପରେସନ କରିଛି । ଅପରେସନ ସଙ୍କଳ୍ପ ଏକ ପ୍ରମୁଖ ଅଭିଯାନ ଥିଲା, ଯାହା ଉପସାଗରୀୟ ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆରମ୍ଭ କରାଯାଇଥିଲା । ଏହି ଅପରେସନ ସମୟରେ, ଭାରତୀୟ ନୌସେନା ହୁଥି ବିଦ୍ରୋହୀ ଏବଂ ସୋମାଲି ଜଳଦସ୍ୟୁଙ୍କ ଆକ୍ରମଣରୁ ଅନେକ ଜାହାଜକୁ ଉଦ୍ଧାର କରିଥିଲା । ଏହି ସମୟରେ, ଇରାନର ଏକ ବିବୃତ୍ତି ପରିସ୍ଥିତିରେ ଉନ୍ନତିର ଆଶା ସୃଷ୍ଟି କରିଛି । ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ କହିଛନ୍ତି ଯେ ଇରାନ ଏହାର ପଡ଼ୋଶୀମାନଙ୍କୁ ଆକ୍ରମଣ କରିବ ନାହିଁ ଯଦି ସେମାନେ ପ୍ରଥମେ ଆକ୍ରମଣ ନ କରନ୍ତି । ଅନ୍ୟ ଜଣେ ସରକାରୀ ଅଧିକାରୀଙ୍କ ଅନୁଯାୟୀ, ଏହି ବିବୃତ୍ତି ହର୍ମୁଜ ପ୍ରଣାଳୀର ଗୋଟିଏ ପାର୍ଶ୍ୱରେ ଫସି ରହିଥିବା ଜାହାଜଗୁଡ଼ିକୁ ଆଗକୁ ବଢ଼ିବା ଏବଂ ତୈଳ ଯୋଗାଣ ଉପରେ ଚାପ କମ କରିବା ପାଇଁ ଆତ୍ମବିଶ୍ୱାସ ପ୍ରଦାନ କରିପାରିବ । ସରକାରୀ ସୂତ୍ର ଅନୁଯାୟୀ, ଭାରତ ତେଲ ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ କରିଛି । ଭାରତର ପ୍ରାୟ ୭୦ ପ୍ରତିଶତ ଅଶୋଧିତ ତୈଳ ଯୋଗାଣ ବର୍ତ୍ତମାନ ଏପରି ରାସ୍ତା ଦେଇ ହୁଏ ଯେଉଁଥିପାଇଁ ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରିବାକୁ ପଡ଼ିବ ନାହିଁ । ତେଣୁ, ସରକାର କହିଛନ୍ତି ଯେ ଏହି ସମୟରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବୃଦ୍ଧି କରିବାର କୌଣସି ଯୋଜନା ନାହିଁ । ଏହି ସମୟରେ, ଇରାନର ଉପ-ବୈଦେଶିକ ମନ୍ତ୍ରୀ ସଇଦ ଖାତିବଜାଦେହ କହିଛନ୍ତି ଯେ ଇରାନ ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜଗୁଡ଼ିକୁ ଅବରୋଧ କରୁନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି କୌଣସି ବିପଦ ଅଛି, ତେବେ ଭାରତ ଆମେରିକାକୁ ପଚାରିବା ଉଚିତ ଯେ ସେ ଭାରତ ମହାସାଗରରେ ଇରାନୀ ଜାହାଜଗୁଡ଼ିକୁ କାହିଁକି ଟାର୍ଗେଟ କରୁଛି । ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ହେଉଥିବା ପରିବହନ ବାଧାକୁ ସମାଧାନ କରିବା ପାଇଁ କେନ୍ଦ୍ର ବନ୍ଦର ଏବଂ ଜଳପଥ ମନ୍ତ୍ରଣାଳୟ ଭାରତୀୟ ବନ୍ଦରଗୁଡ଼ିକ ପାଇଁ ନୂତନ ମାନକ ପରିଚାଳନା ପ୍ରକ୍ରିୟା ଜାରି କରିଛି । ଏହି ନିୟମ ଅନୁଯାୟୀ, ଭାରତୀୟ ବନ୍ଦରଗୁଡ଼ିକୁ ପଶ୍ଚିମ ଏସିଆ ପାଇଁ ଉଦ୍ଦିଷ୍ଟ ସାମଗ୍ରୀଗୁଡ଼ିକୁ ଟ୍ରାନ୍ସିପମେଣ୍ଟ କାର୍ଗୋ ଭାବରେ ଅସ୍ଥାୟୀ ଭାବରେ ସଂରକ୍ଷଣ କରିବାକୁ ଅନୁମତି ଦିଆଯାଇଛି । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବନ୍ଦରଗୁଡ଼ିକରେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରାଯିବ । ପଶ୍ଚିମ ଏସୀୟ ବନ୍ଦରଗୁଡ଼ିକ ପାଇଁ ଉଦ୍ଦିଷ୍ଟ ନୁହେଁ ଜାହାଜଗୁଡ଼ିକୁ ଅସ୍ଥାୟୀ ଭାବରେ ଭାରତୀୟ ବନ୍ଦରଗୁଡ଼ିକରେ କାର୍ଗୋ ଡକ ଏବଂ ଅନଲୋଡ କରିବାକୁ ଅନୁମତି ଦିଆଯିବ । ନଷ୍ଟଶୀଳ ସାମଗ୍ରୀଗୁଡ଼ିକୁ ମଧ୍ୟ ପ୍ରାଥମିକତା ଦିଆଯିବ । ସରକାର ବିଶ୍ୱାସ କରନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ପରିବହନ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ବିଶ୍ୱ ସାମୁଦ୍ରିକ ବାଣିଜ୍ୟ ଉପରେ ପଶ୍ଚିମ ଏସୀୟ ସଙ୍କଟର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିବ ।

# ମନିଲଣ୍ଡରିଂ ମାମଲାରେ ଅଲ୍-ଫଲାହ ଅଧ୍ୟକ୍ଷ ଜାଭେଦ ସିଦ୍ଦିକିଙ୍କୁ ମଧ୍ୟବର୍ତ୍ତିକାଳୀନ ଜାମିନ ଦେଲେ ଦିଲ୍ଲୀ କୋର୍ଟ




ନୂଆଦିଲ୍ଲୀ : ଷ୍ଟେଜ୍ ୪ ଗର୍ଭାଶୟ କର୍କଟ ରୋଗରେ ପୀଡ଼ିତ ପତ୍ନୀଙ୍କ ଯତ୍ନ ନେବା ପାଇଁ ଦିଲ୍ଲୀର ଏକ ଅଦାଲତ ଅଲ୍-ଫଲାହ ଗ୍ରୁପ୍ ଅଧ୍ୟକ୍ଷ ଜାଭେଦ ସିଦ୍ଦିକିଙ୍କୁ ଦୁଇ ସପ୍ତାହର ମଧ୍ୟବର୍ତ୍ତିକାଳୀନ ଜାମିନ ପ୍ରଦାନ କରିଛନ୍ତି । ଶନିବାର ଅତିରିକ୍ତ ସେସନ୍ସ ଜଜ୍ ଶୀତଲ ଚୌଧୁରୀ ପ୍ରଧାନ ସିଦ୍ଦିକିଙ୍କୁ ଏହି ଆଶ୍ୱସ୍ତି ପ୍ରଦାନ କରିଛନ୍ତି ।

କୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ, ସମସ୍ତ ତଥ୍ୟ ଓ ପରିସ୍ଥିତିକୁ ବିଚାର କରିବା ପରେ, ଅଭିଯୁକ୍ତଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଉଛି । ଏଥିରେ ଦର୍ଶାଯାଇଛି ଯେ, ସିଦ୍ଦିକିଙ୍କ ପତ୍ନୀ ଦିଲ୍ଲୀର ଏକ ଡାକ୍ତରଖାନାରେ କେମୋଥେରାପି ନେଉଛନ୍ତି ଏବଂ ରେକର୍ଡରେ ରଖାଯାଇଥିବା ଡାକ୍ତରୀ ଦସ୍ତାବିଜ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ବିବାଦୀୟ ନୁହେଁ । ଦମ୍ପତିଙ୍କ ତିନି ପିଲା ୟୁଏଇରେ ଅଧ୍ୟୟନ କରୁଥିବାରୁ ଭାରତ ଆସିପାରିନାହାନ୍ତି, ତେଣୁ ମହିଳାଙ୍କୁ ତୁରନ୍ତ ପରିବାରର ସହାୟତା ମିଳିପାରି ନ ଥିଲା । ମନିଲଣ୍ଡରିଂ ନିବାରଣ ଅଧିନିୟମ ଅନୁଯାୟୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ପଞ୍ଜୀକୃତ ହୋଇଥିବା ମାମଲାରେ ନଭେମ୍ବର ୧୮, ୨୦୨୫ରେ ଗିରଫ ହୋଇଥିବା ଏବଂ ଅଲ୍ ଫଲାହ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଅନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରମାନଙ୍କ ଠକେଇ ଅଭିଯୋଗରେ ଗିରଫ ହୋଇଥିବା ସିଦ୍ଦିକିଙ୍କୁ ମଧ୍ୟବର୍ତ୍ତିକାଳୀନ ଜାମିନ ପ୍ରଦାନ କରାଯାଇଛି । ବିନା ଅନୁମତିରେ ଦିଲ୍ଲୀ-ଏନ୍ ?ସିଆର୍ ନ ଛାଡିବାକୁ, ମୋବାଇଲ୍ ଫୋନ୍ ସକ୍ରିୟ ରଖିବାକୁ, ପାସପୋର୍ଟ ସମର୍ପଣ କରିବାକୁ ଏବଂ ସାକ୍ଷୀ କିମ୍ବା ଅଭିଯୋଗକାରୀଙ୍କ ସହ ଯୋଗାଯୋଗ ନ କରିବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଇଡି ଏହି ଆବେଦନକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲା ଯେ ସିଦ୍ଦିକି ଗୁରୁତର ଅପରାଧରେ ସମ୍ପୃକ୍ତ ଏବଂ ତଦନ୍ତକୁ ପ୍ରଭାବିତ କରିପାରନ୍ତି । କିନ୍ତୁ କୋର୍ଟ କହିଛନ୍ତି ଯେ ଅଭିଯୁକ୍ତ ତଦନ୍ତରେ ସହଯୋଗ କରିଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ପଳାୟନ କରିବାକୁ କୌଣସି ଉଦ୍ୟମ କରିନାହାନ୍ତି । ସର୍ତ୍ତ ଲାଗୁ କରି ଅଧିକ ଆଶଙ୍କାର ସମାଧାନ କରାଯାଇପାରିବ ।

# ମହିଳାଙ୍କ ପାଇଁ ମାସିକ ୧,୦୦୦ ଟଙ୍କା ଘୋଷଣା କଲେ ପଞ୍ଜାବର ଆପ୍ ସରକାର



ଚଣ୍ଡୀଗଡ଼: ରାଜ୍ୟରେ ନିର୍ବାଚନ ପାଇଁ ପ୍ରାୟ ଏକ ବର୍ଷ ବାକି ଥିବା ବେଳେ ପଞ୍ଜାବର ଆମ୍ ଆଦମୀ ପାର୍ଟି (ଆପ୍) ସରକାର ଶନିବାର ମହିଳାମାନଙ୍କୁ ମାସିକ ନଗଦ ହସ୍ତାନ୍ତର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଏକ ଯୋଜନା ଘୋଷଣା କରିଛନ୍ତି । ଏହି ପଦକ୍ଷେପ ଅଧୀନରେ ଭଗବନ୍ତ ମାନ୍ ?ଙ୍କ ନେତୃତ୍ୱାଧୀନ ସରକାର ସମସ୍ତ ବୟସ୍କ ମହିଳାଙ୍କୁ ମାସିକ ୧,୦୦୦ ଟଙ୍କା ହସ୍ତାନ୍ତର କରିବେ । ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକଙ୍କ ପାଇଁ ଏହା ୧,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଉପସ୍ଥାପିତ ହେବାକୁ ଥିବା ଆସନ୍ତା ଆର୍ଥିକ ବର୍ଷର ବଜେଟ୍‌ରେ ଅର୍ଥମନ୍ତ୍ରୀ ହରପାଲ ସିଂହ ଚିମା ୯,୩୦୦ କୋଟି ଟଙ୍କାର 'ମୁଖମନ୍ତ୍ରୀ ମାୱନ ଧିଆନ ସତିକାର ଯୋଜନା' (ମୁଖ୍ୟମନ୍ତ୍ରୀଙ୍କ ମାଆ ଓ ଝିଅମାନଙ୍କ ପାଇଁ ସମ୍ମାନ ଯୋଜନା) ଘୋଷଣା କରିଛନ୍ତି । ପଞ୍ଜାବର ୧୮ ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ମହିଳା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । କେବଳ ଅଳ୍ପ କେତେଜଣ ଅର୍ଥାତ୍ ବିଦ୍ୟମାନ କିମ୍ବା ଅତୀତର ସ୍ଥାୟୀ ସରକାରୀ କର୍ମଚାରୀ, ବର୍ତ୍ତମାନର ଓ ପୂର୍ବତନ ସାଂସଦ ଓ ବିଧାୟକ ତଥା ଆୟକର ପ୍ରଦାନକାରୀଙ୍କୁ ବାଦ୍ ଦିଆଯାଇଛି । ଏପରିକି ବୃଦ୍ଧାବସ୍ଥା କିମ୍ବା ବିଧବା/ ନିରାଶ୍ରୟ ମହିଳା ପେନସନ୍ କିମ୍ବା ଭିନ୍ନକ୍ଷମ ପେନସନ୍ ଯୋଜନା ଭଳି ସାମାଜିକ ସୁରକ୍ଷା ଯୋଜନାରେ ଲାଭ ପାଉଥିବା ମହିଳାମାନେ ମଧ୍ୟ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବେ । ମୋଟାମୋଟି ଭାବେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ୍ ୨,୬୦,୪୩୭ କୋଟି ଟଙ୍କାର ବଜେଟ୍ ଖର୍ଚ୍ଚ କରିବାକୁ ମନ୍ତ୍ରୀ ଚିମା ପ୍ରସ୍ତାବ ଦେଇଛନ୍ତି । ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଆର୍ଥିକ ଅନୁଶାସନ ସହିତ ଆକ୍ରମଣାତ୍ମକ କଲ୍ୟାଣକାରୀ ଖର୍ଚ୍ଚକୁ ସନ୍ତୁଳିତ କରିବାକୁ ବଜେଟ୍ ଲକ୍ଷ୍ୟ ରଖିଛି । ସମାଜ କଲ୍ୟାଣ ଓ ନ୍ୟାୟ ପାଇଁ ଅର୍ଥମନ୍ତ୍ରୀ ୧୮,୩୦୪ କୋଟି ଟଙ୍କା ପ୍ରସ୍ତାବ ଦେଇଛନ୍ତି, ଯାହା ବିଭାଗ ପାଇଁ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଆବଣ୍ଟନ । ଏଥିରେ ଆଶୀର୍ବାଦ ଯୋଜନା ପାଇଁ ୩୬୦ କୋଟି ଟଙ୍କା ଏବଂ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ୨୬୧ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଉଲ୍ଲେଖଯୋଗ୍ୟ, ନିକଟରେ ପଞ୍ଜାବ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ପରେ ପ୍ରସ୍ତାବିତ ବିଦ୍ୟୁତ୍ ସବ୍ ?ସିଡି ୨୦୨୫-୨୬ ବଜେଟ୍ ଆକଳନରେ ୨୦,୫୦୦ କୋଟି ଟଙ୍କା ତୁଳନାରେ ୧୫,୫୫୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି ।

ସ୍ଥାନୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରଙ୍ଗଲା ପଞ୍ଜାବ ବିକାଶ ଯୋଜନା ପାଇଁ ଆବଣ୍ଟନକୁ ଦ୍ୱିଗୁଣିତ କରି ୧,୧୭୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ୧୧୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୦ କୋଟି ଟଙ୍କା ପ୍ରଦାନ କରିବ । ଗ୍ରାମାଞ୍ଚଳ କ୍ଷେତ୍ରରେ, ୪୦,୧୦୩ କିଲୋମିଟର ଗ୍ରାମ୍ୟ ରାସ୍ତାର ନବୀକରଣ କରି ସରକାର ୭,୬୦୬ କୋଟି ଟଙ୍କା ବ୍ୟୟରେ ଅବଶିଷ୍ଟ ୧୯,୮୭୬ କିଲୋମିଟର ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଚିମା କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୫,୩୭୭ କୋଟି ଟଙ୍କା ଘୋଷଣା କରିଛନ୍ତି, ଯେଉଁଥିରେ ଭୂତଳ ଜଳ ସଂରକ୍ଷଣ ପାଇଁ ସିଧାସଳଖ ବିହନ ଧାନ (ଡିଏସ୍‌ଆର)କୁ ପ୍ରୋତ୍ସାହିତ କରିବା ପାଇଁ ୪୦ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରୟାସରେ, ଅର୍ଥମନ୍ତ୍ରୀ ମୁଖ୍ୟମନ୍ତ୍ରୀ ସେହତ ଯୋଜନା ପାଇଁ ୨,୦୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି, ଯାହା ପ୍ରତି ପରିବାର ପିଛା ବାର୍ଷିକ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରିବ । ଡାକ୍ତରୀ ଶିକ୍ଷା ଓ ଗବେଷଣା କ୍ଷେତ୍ର ପାଇଁ ଅତିରିକ୍ତ ୧,୨୨୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ଗୁରୁ ତେଗ୍ ବାହାଦୁରଙ୍କ ୩୫୦ତମ ସହିଦ ବାର୍ଷିକୀ ପାଳନ ଅବସରରେ ସରକାର ଶ୍ରୀ ଆନନ୍ଦପୁର ସାହିବରେ ଏକ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି । ଏହା ସହିତ ଏକ ଆଧୁନିକ ଟ୍ରମା ସେଣ୍ଟର ଏବଂ ଶିଖ୍ ପବିତ୍ର ସହରରେ ଏକ ଉତ୍ସର୍ଗୀକୃତ ମାତୃ ଓ ଶିଶୁ ଯତ୍ନ ଡାକ୍ତରଖାନା ରହିଛି । ଏହା ବ୍ୟତୀତ ଆହୁରି ୧୦୦ଟି ଆମ୍ ଆଦମୀ କ୍ଲିନିକ୍ ପ୍ରତିଷ୍ଠା କରାଯିବ । ୧୯,୨୭୯ କୋଟି ଟଙ୍କାର ବ୍ୟୟବରାଦ ସହିତ ଶିକ୍ଷା କ୍ଷେତ୍ରକୁ ଉଲ୍ଲେଖନୀୟ ପ୍ରୋତ୍ସାହନ ମିଳିଛି, ଯାହା ପୂର୍ବ ବର୍ଷ ତୁଳନାରେ ୭% ଅଧିକ । ସରକାର ଉଚ୍ଚାଭିଳାଷୀ ଅଭିବୃଦ୍ଧି ଉପରେ ନଜର ରଖିଥିବା ବେଳେ ରାଜକୋଷ ନିଅଣ୍ଟ ଜିଏସ୍ ?ଡିପିର ୪.୦୮% ହେବ ବୋଲି ଆକଳନ କରାଯାଇଛି, ପ୍ରଭାବଶାଳୀ ରାଜସ୍ୱ ନିଅଣ୍ଟ ୨.୦୬% ହେବ ବୋଲି କୁହାଯାଇଛି । ମାର୍ଚ୍ଚ ୩୧, ୨୦୨୭ ସୁଦ୍ଧା ପଞ୍ଜାବର ବକେୟା ଋଣ ୪,୪୭,୭୫୪.୭୮ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ୨୦୨୫-୨୬ ସଂଶୋଧିତ ଆକଳନରେ ୪,୦୭,୭୮୪.୧୪ କୋଟି ଟଙ୍କା ଥିଲା । ୨୦୨୬-୨୭ ଆର୍ଥିକ ବର୍ଷରେ ଜିଏସ୍ ?ଡିପି ୯,୮୦,୬୩୫ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହାକି ୧୦% ଅଭିବୃଦ୍ଧି ହାରକୁ ଦର୍ଶାଉଛି ।




ଫାଇନାଲ ମ୍ୟାଚ୍‌ରେ ଓପନିଂ ଯୋଡିରେ ୭.୧ ଓଭରରେ ୯୮ ରନ୍ କରିଥିବା ସଞ୍ଜୁ ସାମନସ ୮୯ ଓ ଅଭିଷେକ ଶର୍ମା ୫୨।



ବିଶ୍ୱକପ୍‌ରେ ଆଉ ଏକ ଦମ୍‌ଦାର ଇନିଂସ ଖେଳିଥିବା କିଷନ (୫୪ରନ୍)




୧୬ତମ ଓଭରରେ ଭାରତର ୩ ୱିକେଟ ନେଇଥିବା ନ୍ୟୁଜିଲାଣ୍ଡ ବୋଲର ଜିମି ନେଶମ।



ବିଜୟ ପରେ ଭାରତୀୟ କ୍ରିକେଟର ଖୁସି ମନାଉଛନ୍ତି







ପରାଜୟ ପରେ ଦୁଃଖରେ ଭାଙ୍ଗି ପଡିଛନ୍ତି ନ୍ୟୁଜିଲାଣ୍ଡ ଖେଳାଳି

# ଦ ହଣ୍ଡ୍ରେଡ୍ ନିଲାମରେ ରିଚାଙ୍କ ଦର ସବୁଠୁ ଅଧିକ

ଲଣ୍ଡନ: ଇଂଲଣ୍ଡରେ ଆୟୋଜିତ ହେଉଥିବା ଦ ହଣ୍ଡ୍ରେଡ୍ ମହିଳା କ୍ରିକେଟ୍ ଲିଗ୍‌ର ୨୦୨୬ ସଂସ୍କରଣ ଲାଗି ଖେଳାଳି ନିଲାମ ଚଳିତ ମାସ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବ। ଏହି ନିଲାମ ଲାଗି ୧୭ ଜଣ ଭାରତୀୟ କ୍ରିକେଟର୍ ପଞ୍ଜୀକରଣ କରିଥିଲେ। ହେଲେ ତାରକା ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କ ସହ ୧୨ ଜଣ ଭାରତୀୟ ଚୂଡାନ୍ତ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟ ୫ ଜଣ ପ୍ରତୀକା ରାୱଲ, ବୃନ୍ଦା ଦିନେଶ, ନିକି ପ୍ରସାଦ, ସଞ୍ଜୀବନ ସଜନା ଓ ଦୀୟା ଯାଦବ ବାଦ୍ ନିଲାମ ପୂର୍ବରୁ ପଡିଛନ୍ତି। ନିଲାମରେ ମୋଟ ୧୭୮ ଜଣ ରହିଛନ୍ତି। ୱିକେଟ୍‌କିପର ବ୍ୟାଟର୍ ରିଚା ଘୋଷଙ୍କ ଦର ସର୍ବାଧିକ ୫୦,୦୦୦ ଇରୋ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୬୨ ଲକ୍ଷ ଟଙ୍କା ରହିଛି। ଦୀପ୍ତି, ଶ୍ରୀ ଚରଣୀ ଓ ପୂଜା ବସ୍ତ୍ରକାରଙ୍କ ଦର ୨୭,୫୦୦ ୟୁରୋ (ପ୍ରାୟ ୩୪ଲକ୍ଷ ଟଙ୍କା) ରହିଥିଲା ବେଳେ ଏମାନଙ୍କ ପଛକୁ ୟାସ୍ତିକା ଭାଟିଆ, କାସ୍‌ଭୀ ଗେତମ, ଶିଖା ପାଣ୍ଡେ, ଶ୍ରେୟଙ୍କା ପାଟିଲ, ଅରୁନ୍ଧତୀ ରେଡ୍ଡୀ, ନନ୍ଦନୀ ଶର୍ମା, ଆଶା ଶୋଭନା, ରାଧା ଯାଦବଙ୍କ ଦଳ ୧୫,୦୦୦ ୟୁରୋ (ପ୍ରାୟ ୧୮.୫ଲକ୍ଷ ଟଙ୍କା) ରହିଛି। ଭାରତୀୟ ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ଜେମିମା ରଡ୍ରିଗ୍ସ ନିଲାମ ପୂର୍ବରୁ ଯଥାକ୍ରମେ ମାଞ୍ଚେଷ୍ଟର ସୁପର ଜାଏଣ୍ଟସ୍ ଓ ସାଉଦର୍ନ ବ୍ରେଭ୍ ସହ ଚୁକ୍ତି କରିସାରିଛନ୍ତି। ତେଣୁ ଉଭୟ ଏହି ପ୍ରତିଯୋଗିତାରେ ଖେଳିବା ନିଶ୍ଚିତ ଅଛି।

# ଅଙ୍କିତାଙ୍କୁ ହରାଇଲେ ବୈଷ୍ଣବୀ

କାଲାବୁରାଗି: ନିଜଠୁ ୧୨ ବର୍ଷ ବଡ ଅଙ୍କିତା ରାଇନାଙ୍କୁ ହରାଇ ଡବ୍ଲ୍ୟୁ୩୫ ଆଇଟିଏଫ୍ ଟ୍ରଫି ହାତେଇଛନ୍ତି ବୈଷ୍ଣବୀ ଅଦ୍‌କର। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ବଡ ଟ୍ରଫି। ରବିବାର ଦୁଇ ଭାରତୀୟ ମଧ୍ୟରେ ଖେଳାଯାଇଥିବା ଫାଇନାଲ୍‌ରେ ବୈଷ୍ଣବୀ ୭-୬, ୬-୪ ସେଟ୍‌ରେ ୩୩ ବର୍ଷୀୟା ଅଙ୍କିତା ରାଇନାଙ୍କୁ ପରାସ୍ତ କରିଥିଲେ।




୨ ଘଣ୍ଟା ୧୪ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚ୍‌ର ପ୍ରଥମ ସେଟ୍‌କୁ ଟାଇବ୍ରେକର୍‌ରେ ବୈଷ୍ଣବୀ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍ ସଂଘର୍ଷ ହୋଇଥିଲେ ମଧ୍ୟ ବୈଷ୍ଣବୀ ୬-୪ ସେଟ୍‌ରେ ଜିତି ଟ୍ରଫି କରାୟତ୍ତ କରିଥିଲେ। ଏହି ବିଜୟ ସହ ବିଶ୍ୱର ୪୬୪ ନମ୍ବର ବୈଷ୍ଣବୀ ୩୫ ରାଙ୍କିଂ ପଏଣ୍ଟ କରାୟତ୍ତ କରିବା ସହ ୩୦,୦୦୦ ଡଲାର ଅର୍ଥାତ୍ ପ୍ରାୟ ୨୭.୫ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛନ୍ତି। ଉଭୟ ବୈଷ୍ଣବୀ ଓ ଅଙ୍କିତା ଆଗାମୀ ବିଲି ଜିନ୍ କିଙ୍ଗ୍ କପ୍ ଏସିଆ-ଓସେନିଆ ପ୍ରତିଯୋଗିତା ଲାଗି ଘୋଷିତ ଭାରତୀୟ ଦଳରେ ରହିଛନ୍ତି।

# ଅବସର ନେଲେ ଟାହୁହୁ

ୱେଲିଂଟନ, ୮।୩: ନ୍ୟୁଜିଲାଣ୍ଡର ଭେଟେରାନ ଫାଷ୍ଟ ବୋଲର ଲିଆ ଟାହୁହୁ ରବିବାର ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଫଳରେ ୩୫ ବର୍ଷୀୟାଙ୍କ ଦୀର୍ଘ ୧୫ ବର୍ଷ କ୍ୟାରିୟରର ଅନ୍ତ ଘଟିଛି। ସେ ନ୍ୟୁଜିଲାଣ୍ଡ ଅନ୍ତର୍ଜାତୀୟ ମହିଳା ଦିନିକିଆ ଦଳ ତରଫରୁ ୧୦୩ ମ୍ୟାଚ୍ ଖେଳି ୧୨୫ ଉଇକେଟ ଅକ୍ତିଆର କରିଛନ୍ତି। ସେ ୨୦୧୧ ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କ ପଦାର୍ପଣ ମ୍ୟାଚ୍ ଖେଳିଥିଲେ। ଟାହୁହୁ ଚାରୋଟି ଦିନିକିଆ ବିଶ୍ୱକପ୍ (୨୦୧୩, ୨୦୧୭, ୨୦୨୨ ଓ ୨୦୨୫) ଖେଳିଛନ୍ତି।ନ୍ୟୁଜିଲାଣ୍ଡ ପକ୍ଷରୁ ସେ ତାଙ୍କର ଶେଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଗତବର୍ଷ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଟାହୁହୁ କେବଳ ବିଶ୍ୱକପ୍‌ରେ ୩୬ ଉଇକେଟ ଅକ୍ତିଆର କରିଥିଲେ, ଯାହାକି ନ୍ୟୁଜିଲାଣ୍ଡ ପାଇଁ ଏକ ରେକର୍ଡ ଏବଂ ଏହା ତାଙ୍କୁ ସର୍ବକାଳୀନ ତାଲିକାରେ ୯ମ ସ୍ଥାନରେ ରଖିଛି।

## ପର୍ଥ ଦିବାରାତ୍ର ଟେଷ୍ଟ୍

# ଭାରତର ଲଜ୍ଜାଜନକ ପରାଜୟ

ପର୍ଥ: ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ପର୍ଥରେ ଚାଲିଥିବା ଏକମାତ୍ର ଦିବାରାତ୍ର ଟେଷ୍ଟରେ ଘରୋଇ ଦଳ ବୃହତ୍ ବିଜୟ ହାସଲ କରିଛି। ଘରୋଇ ଦଳ ପ୍ରଥମ ପାଳିରେ ବଡ ଅଗ୍ରଣୀ ନେବା ସହ ଦ୍ୱିତୀୟ ପାଳିରେ ଭାରତ ସଂଘର୍ଷ କରିବାରୁ ପରାଜୟ ଦ୍ୱାରଦେଶରେ ପହଞ୍ଚିଯାଇଥିଲେ ହେଁ ଆଜି ଆଉ ଅଧିକ ସ୍କୋର କରିନପାରିବାରୁ ଘରୋଇ ଦଳକୁ ଛୋଟ ଟାର୍ଗେଟ ମିଳିଥିଲା। ଯାହାକୁ ସହଜରେ ଜିଣିନେଇଥିଲା ଅଷ୍ଟ୍ରେଲିଆ।

ଶୁକ୍ରବାର ପ୍ରଥମ ଦିନରେ ଭାରତ ପ୍ରଥମ ପାଳି ୧୯୮ ରନ୍‌ରେ ଶେଷ ହୋଇଯାଇଥିଲା।

## ଆନାବେଲ୍‌ଙ୍କ ହ୍ୟାଟ୍ରିକ୍ ଶତକ

ଅଷ୍ଟ୍ରେଲିଆ ଶନିବାର ୯୬/୩ରୁ ଖେଳ ଆରମ୍ଭ କରି ୩୨୩ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା। ଆନାବେଲ୍ ସଦରଲାଣ୍ଡଙ୍କ ଶତକ (୧୭୧ ବଲ୍‌ରୁ ୧୨୯ ରନ୍) ଏବଂ ଏଲିସ୍ ପେରି (୧୧୬ ବଲ୍‌ରୁ ୭୬ ରନ୍) ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୨୫ ରନ୍‌ର ମହତ୍ୱପୂର୍ଣ୍ଣ ଅଗ୍ରଣୀ ନେଇଯାଇଥିଲା। ସଦରଲାଣ୍ଡ୍ କ୍ରମାଗତ ତୃତୀୟ ଶତକ ସହ କ୍ୟାରିୟରର୍ ଚତୁର୍ଥ ଟେଷ୍ଟ୍ ଶତକ ଅର୍ଜନ କରିଛନ୍ତି। ନିମ୍ନକ୍ରମରେ ଲୁସି ହାମିଲଟନ୍ (୨୩) ଓ ଆଲନା କିଙ୍ଗ୍ (୨୧) ଉପଯୋଗୀ ପାଳି ଖେଳିବାରୁ ଅଷ୍ଟ୍ରେଲିଆ ଶେଷ ୪ ୱିକେଟ୍‌ରେ ୮୨ ରନ୍ ଯୋଡିବାରେ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ପ୍ରଥମ ପଦାର୍ପଣକାରୀ ଦ୍ରୁତ ବୋଲର ସାୟଲୀ ସତ୍‌ଘରେ (୪/୫୦) ପ୍ରଶଂସନୀୟ ପ୍ରଦର୍ଶନ କରିଥିଲେ। କ୍ରାନ୍ତି ଗେଡ ଓ ଦୀପ୍ତି ଶର୍ମା ୨-୨ ୱିକେଟ୍ ଏବଂ ସ୍ନେହ ରାଣା ଓ ଶେଫାଳି ବର୍ମା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।



ଜବାବରେ ଭାରତ ଦ୍ୱିତୀୟ ପାଳିରେ ଦ୍ୱିତୀୟ ରାତି ଖେଳ ଶେଷ ସୁଦ୍ଧା ମାତ୍ର ୧୦୫ ରନ୍‌ରେ ୬ ୱିକେଟ୍ ହରାଇଥିଲା। ପ୍ରତୀକା ରାୱଲ (୮୪ ବଲ୍‌ରୁ ୪୩ ରନ୍) ଏବଂ ସ୍ନେହ ରାଣା (୧୭ ବଲ୍‌ରୁ ୧୪ ରନ୍) ବ୍ୟାଟିଂ କରୁଥିଲେ। ଆଜି ରାଣା ୩୦ ରନ୍ କରି ଆଉଟ୍ ହୋଇଥିଲେ। ପରେକେ ଗୌତମ ୦, ସାୟଲି ସାତଘରେ ୩ ଆଉଟ୍ ହୋଇଥିଲେ। ଫଳରେ ପ୍ରତୀକା ଏକାକା ସଂଘର୍ଷ କରି ୬୩ ରନ୍ କରି ଶେଷ ବ୍ୟାଟ୍ସମ୍ୟାନ ଭାବେ ଆଉଟ୍ ହୋଇଥିଲେ। ଫଳରେ ଭାରତ ୧୪୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳର ୫ ବରିଷ୍ଠ ତଥା ଅଭିଜ୍ଞ ଖେଳାଳି ସ୍ମୃତି ମନ୍ଧାନା (୨), ଶେଫାଳି ବର୍ମା (୫), ହର୍ମନପ୍ରୀତ୍ କୌର୍ (୧୧), ଜେମିମା ରଡ୍ରିଗ୍ସ (୧୪), ଦୀପ୍ତି ଶର୍ମା (୯) ବିଫଳ ହେବା ଭାରତକୁ ବିପଦ ମୁହାଁ କରିଛି। ପ୍ରଥମ ପଦାର୍ପଣ କରିଥିବା ଲୁସି ହାମିଲଟନ ପ୍ରଥମ ପାଳି ଭଳି ଦ୍ୱିତୀୟ ପାଳିରେ ବି ୩ ୱିକେଟ୍ ନେଇ ସାରିଛନ୍ତି। ଆନାବେଲ୍ ସଦରଲାଣ୍ଡ ୨ ଓ ଡାର୍ସି ବ୍ରାଉନ୍ ୨, ଗାର୍ଡନର ୨ ଓ କିଙ୍ଗ ୨ ୱିକେଟ୍ ନେଇଛନ୍ତି। ଫଳରେ ଅଷ୍ଟ୍ରେଲିଆ ଦଳକୁ ୨୫ ରନ୍ ଟର୍ଗେଟ ମିଳିଥିବାବେଳେ ଦଳ କୌଣସି ୱିକେଟ ନ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପୂର୍ବରୁ ଟି୨୦ ସିରିଜ୍‌କୁ ଭାରତ ଜିତିଥିବାବେଳେ ଦିନିକିଆରେ ଭାରତ ପରାସ୍ତ ହୋଇଥିଲା।

# ରସିଦ ଖାନଙ୍କୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ

ଇସଲାମାବାଦ,୮।୩: ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ବଢୁଥିବା ତିକ୍ତତା ମଧ୍ୟରେ ଏବେ କ୍ରିକେଟ ଜଗତର ଷ୍ଟାର୍ ସ୍ପିନର ରଶିଦ ଖାନଙ୍କୁ ନେଇ ବିବାଦ ଦେଖାଦେଇଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ ଏକ ବିବାଦୀୟ ବୟାନ ଦେଇ ରଶିଦ ଖାନଙ୍କୁ ପାକିସ୍ତାନ ଛାଡ଼ି ଅନ୍ୟତ୍ର ଶରଣ ନେବାକୁ ପରାମର୍ଶ ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ, ଆଫଗାନିସ୍ତାନରେ ସୁରକ୍ଷା ଜନିତ ବିପଦ କାରଣରୁ ରଶିଦ ଖାନ ଏବଂ ତାଙ୍କ ପରିବାର ଏବେ ପାକିସ୍ତାନର ପେଶାୱରରେ ରହୁଛନ୍ତି। ୨୦୨୧ରେ ତାଲିବାନ ଶାସନକୁ ଆସିବା ପରେ ସେଠାରେ ଅସ୍ଥିରତା ଏବଂ ମାନବାଧିକାର ଉଲ୍ଲଂଘନ ବଢ଼ିବାରେ ଲାଗିଛି। ଫଳରେ ରଶିଦଙ୍କ ଭଳି ଅନେକ ହାଇ-ପ୍ରୋଫାଇଲ ନାଗରିକ ସୁରକ୍ଷିତ ସ୍ଥାନ ଖୋଜୁଛନ୍ତି। ପେଶାୱାର ଆଫଗାନ ସୀମାକୁ ଲାଗିଥିବାରୁ ଏଠାରେ ଅଧିକାଂଶ ଆଫଗାନ ଶରଣାର୍ଥୀ ବସବାସ କରନ୍ତି।



ତେବେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟୁଇଟର)ରେ ଏକ ପୋଷ୍ଟ କରି ଆଫଗାନ ନାଗରିକଙ୍କ ପ୍ରତି କଠୋର ଶବ୍ଦ ବ୍ୟବହାର କରିଛନ୍ତି। ସେ ଲେଖିଛନ୍ତି, "ସେମାନେ କେବଳ ଅକୃତଜ୍ଞ ନୁହଁନ୍ତି, ବରଂ ସେମାନଙ୍କ ବିରୋଧରେ ବିଷ ମଧ୍ୟ ଓଗାଳନ୍ତି ଯେଉଁମାନେ ସେମାନଙ୍କୁ ସୁରକ୍ଷା ଏବଂ ଜୀବନ ଦେଇଛନ୍ତି। ଯଦି ରଶିଦ ଖାନ ପେଶାୱରରେ ଅଛନ୍ତି, ତେବେ ତାଙ୍କୁ ଅନ୍ୟ କେଉଁଠି ଆଶ୍ରୟ ନେବା ଉଚିତ। ଅନେକ ଲୋକ ବର୍ଷ ବର୍ଷ ଧରି ଆମ ରକ୍ତ ଶୋଷୁଛନ୍ତି, ଏବେ ସେମାନଙ୍କୁ ଘରକୁ ଫେରିଯିବା ଉଚିତ। ତାଲିବାନ ଶାସନରେ ଆଫଗାନିସ୍ତାନ ତ ଏବେ ସ୍ୱର୍ଗ ପାଲଟିଛି।" ରଶିଦ ଖାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟି୨୦ ବୋଲର। ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ଦଳ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ଏହି ବିଫଳତା ପରେ ରଶିଦଙ୍କ ହାତରୁ ଅଧିନାୟକ ପଦ ଛଡ଼ାଇ ନିଆଯାଇଛି। ବର୍ତ୍ତମାନ ଇବ୍ରାହିମ ଜାଦ୍ରାନଙ୍କୁ ଆଫଗାନିସ୍ତାନ ଟି୨୦ ଦଳର ନୂଆ ଅଧିନାୟକ କରାଯାଇଛି।

# ଏକାଧିକ ରେକର୍ଡ ଭାଙ୍ଗିଲେ ସଞ୍ଜୁ

ନୂଆଦିଲ୍ଲୀ,୮।୩: ଭାରତୀୟ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନ ଟି୨୦ ବିଶ୍ୱକପ୍ ୨୦୨୬ ଫାଇନାଲରେ ଏକ ଚମତ୍କାର ଛକା ମାରି ନିଜ ଇନିଂସ ଆରମ୍ଭ କରିଛନ୍ତି। ଏହା ସହିତ ତାଙ୍କ ନାମରେ ଏକ ବଡ଼ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଫାଇନାଲରେ ମ୍ୟାଟ ହେନେରୀଙ୍କ ବଲରେ ଛକା ମାରି ସଞ୍ଜୁ ଟି୨୦ ବିଶ୍ୱକପ ଇତିହାସରେ 'ପ୍ରଥମ ଓଭରରେ ସର୍ବାଧିକ ଥର ଛକା ମାରିଥିବା' ଖେଳାଳି ହୋଇଛନ୍ତି।

ସଞ୍ଜୁ ସାମସନ ଟି୨୦ ବିଶ୍ୱକପ୍‌ର ଚାରୋଟି ଭିନ୍ନ ଭିନ୍ନ ମ୍ୟାଚ୍‌ରେ ପ୍ରଥମ ଓଭରରେ ଛକା ମାରି ଏହି ରେକର୍ଡ ନିଜ ନାମରେ କରିଛନ୍ତି। ସେ ଇଂଲଣ୍ଡର ଓପନର୍ ଫିଲ ସଲ୍ଟଙ୍କ ରେକର୍ଡ ଭାଙ୍ଗିଛନ୍ତି। ଯେଉଁଠି ସଲ୍ଟଙ୍କୁ ଏହି ସଫଳତା ପାଇଁ ୪୦ଟି ବଲ ଲାଗିଥିଲା, ସଞ୍ଜୁ ମାତ୍ର ୨୧ଟି ବଲ୍‌ରେ ଏହି କାରନାମା କରି ଦେଖାଇଛନ୍ତି।



**ପ୍ରଥମ ଓଭରରେ ସର୍ବାଧିକ ଥର ଛକ୍କା ମାରିଥିବା ବ୍ୟାଟର:**

ସଞ୍ଜୁ ସାମସନ:୪ ଥର
ଫିଲ ସଲ୍ଟ:୩ ଥର
ରହମାନୁଲ୍ଲା ଗୁରବାଜ:୩ ଥର
ମହମ୍ମଦ ରିଜୱାନ:୩ ଥର
କ୍ୱିଣ୍ଟନ ଡି କକ୍:୩ ଥର

ଟି୨୦ ବିଶ୍ୱକପ ଇତିହାସରେ ଭାରତ ପକ୍ଷରୁ ଏପର୍ଯ୍ୟନ୍ତ ୫ ଜଣ ବ୍ୟାଟର ପ୍ରଥମ ଓଭରରେ ଛକା ମାରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

ୟୁସୁଫ ପଠାନ ୨୦୦୭ ପାକିସ୍ତାନ (ମହମ୍ମଦ ଆସିଫ), ମୁରଲୀ ବିଜୟ ୨୦୧୦ ଆଫଗାନିସ୍ତାନ (ଦୌଲତ ଅହମ୍ମଦଜଇ). ରୋହିତ ଶର୍ମା ୨୦୨୪ ପାକିସ୍ତାନ (ଶାହିନ ଆଫ୍ରିଦି), ଈଶାନ କିଷାନ ୨୦୨୬ ଆମେରିକା (USA), ସଞ୍ଜୁ ସାମସନ ୨୦୨୬ ୪ଟି ଭିନ୍ନ ଦଳ ବିପକ୍ଷରେଫାଇନାଲ ମ୍ୟାଚ୍‌ରେ ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମା ଟିମ ଇଣ୍ଡିଆକୁ ଏକ ଦମଦାର ଆରମ୍ଭ ଦେଇଛନ୍ତି। ଦୁଇ ବ୍ୟାଟର ମାତ୍ର ୪ ଓଭରରେ ଦଳୀୟ ସ୍କୋରକୁ ୫୦ ପାର କରାଇଛନ୍ତି। ଟି୨୦ ବିଶ୍ୱକପ ଫାଇନାଲ ଇତିହାସରେ ଏହା ଭାରତର ଦ୍ରୁତତମ ଓପନିଂ ଅର୍ଦ୍ଧଶତକୀୟ ଭାଗିଦାରୀ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ